

ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟ ଖେଳିବେନି ଯଶପ୍ରୀତ ବୁମ୍ରା

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

• ବର୍ଷ–୩୧ • ସଂଖ୍ୟା–୨୫ • ୨୦ଫେବୃୟାରୀ ୨୦୨୪, ମଙ୍ଗଳବାର • ଭୁବନେଶ୍ୱର • Vol -31 • Issue-25 • 20th February 2024, Tuesday • Bhubaneswar | Licensed to post without pre-payment of postage No- BN-60/22-24





ମୋଦୀ ସରକାରଙ୍କ ଗ୍ୟାରେଣ୍ଟି

ସମୃଦ୍ଧ ଡାଏରୀ ସେକ୍ଟର

ଦୁଗ୍ଧ ଉତ୍ପାଦନରେ ଭାରତ ବିଶ୍ୱରେ ନମ୍ବର ୧, ଗତ ୧୦ ବର୍ଷରେ ଦୁଗ୍ଧ ଉତ୍ପାଦନରେ ୫୮% ରେକର୍ଡ ବୃଦ୍ଧି, ୮ କୋଟି ପଶୁପାଳକ ପରିବାରଙ୍କୁ ମିଳିଛି ଲାଭ

ଆମ ସଂକଳ୍ପ ବିକଶିତ ଭାରତ

ଅଧିକ ସୂଚନା ପାଇଁ ସ୍କାନ୍ କରନ୍ତୁ

cbc 22201/13/0280/2324




# ୫ ଜିଲ୍ଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯।୨

ନ୍ୟୁଜ୍ ବ୍ୟୁରୋ





ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ସୁବର୍ଣ୍ଣପୁର, କଟକ, ଝାରସୁଗୁଡା, କନ୍ଧମାଳ ଏବଂ ସମ୍ବଲପୁର ଜିଲ୍ଲାରେ ଲକ୍ଷ୍ମୀ ବସ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗାଁ ଲୋକମାନେ ଲକ୍ଷ୍ମୀ ବସ୍ ଜରିଆରେ ସୁବିଧାରେ ଏବଂ କମ ଖର୍ଚ୍ଚରେ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ କରିପାରିବେ। ଲକ୍ଷ୍ମୀ ବସ୍ ଆମର ଜୀବନ ଯାତ୍ରାକୁ ସହଜ କରିବ, ଘରେ ଘରେ ସମୃଦ୍ଧି ଆଣିବ।

ଲୋକଙ୍କ ଇଚ୍ଛାକୁ ମୁଁ ସମ୍ମାନ ଦିଏ, ମୋ ସରକାରର ସବୁ କାର୍ଯ୍ୟକ୍ରମ ଲୋକମତ ଭିତ୍ତିରେ ଆଧାରିତ, ଲକ୍ଷ୍ମୀ ଯୋଜନା ମଧ ଲୋକଙ୍କ ଇଚ୍ଛାରୁ କାର୍ଯ୍ୟକାରୀ କରାଯାଇଛି। ୫-ଟି ଅଧକ୍ଷ ତଥା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଜିଲ୍ଲାଗସ୍ତ ପରେ ଲୋକଙ୍କ ଅସୁବିଧାକୁ ଅନୁଭବ କରିଥିଲୁ ଏବଂ ଲୋକଙ୍କ ପ୍ରସ୍ତାବକୁ ଅନୁଶୀଳନ କରି ଗାଁ ଲୋକଙ୍କର ଯୋଗାଯୋଗ ସମସ୍ୟା ଦୂର କରିବା ପାଇଁ ଲକ୍ଷ୍ମୀ ବସ୍ ଯୋଜନା ପ୍ରସ୍ତୁତ କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଆଜିର ଶୁଭାରମ୍ଭ ପରେ ୫ଟି ଜିଲ୍ଲାର ୭୦୦ଟି ପଞ୍ଚାୟତରେ ୨୦୫ଟି ବସ୍ ଚାଲିଲା। ଏହା ଦ୍ୱାରା ୪୪ ଲକ୍ଷରୁ ଅଧିକ ଲୋକ ଉପକାର ପାଇଲେ । ସୁବର୍ଣ୍ଣପୁରର ୧୦୨ଟି ପଞ୍ଚାୟତରେ ୫୮ଟି ବସ୍ ଚାଲିଲା ଏବଂ ୫ ଲକ୍ଷ ୭୩ ହଜାର ଲୋକ ଉପକୃତ ହେଲେ। କଟକର ୨୬୧ଟି ପଞ୍ଚାୟତରେ ୪୮ଟି ବସ୍ ଚାଲିଲା ଏବଂ ୧୮ ଲକ୍ଷ ୩୭ ହଜାର ଲୋକ ଉପକୃତ ହେଲେ। ଝାରସୁଗୁଡାର ୭୬ଟି ପଞ୍ଚାୟତରେ ୧୬ଟି ବସ୍ ଚାଲିଲା ଏବଂ ୫ ଲକ୍ଷ ୬୨ ହଜାର ଲୋକ ଉପକୃତ ହେଲେ। କନ୍ଧମାଳର ୧୬୪ଟି ପଞ୍ଚାୟତରେ ୫୨ଟି ବସ୍ ଚାଲିଲା ଏବଂ ୭ ଲକ୍ଷ ୩ ହଜାର ଲୋକ ଉପକୃତ ହେଲେ। ସେହିଭଳି ସମ୍ବଲପୁରର ୯୭ଟି ପଞ୍ଚାୟତରେ ୩୧ଟି ବସ୍ ଚାଲିଲା ଏବଂ ୭ ଲକ୍ଷ ୨୮ ହଜାର ଲୋକ ଉପକୃତ ହେଲେ।

ଏହି ଯୋଜନାରେ ପଞ୍ଚାୟତରୁ ବ୍ଲକକୁ ବସ ଚଳାଚଳର ସୁବିଧା କରାଯାଇଛି। ସାରା ରାଜ୍ୟରେ ୧୦୦୦ରୁ ଅଧିକ ବସ ଚାଲିବ। ୫-ଟି ଯୋଜନାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ମା'ମାନଙ୍କୁ ବସ ପରିଚାଳନା ଦାୟିତ୍ୱ ଦିଆଯାଇଛି।

ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଆହୁରି ମଧ କହିଥିଲେ ଯେ ଲକ୍ଷ୍ମୀ ବସ୍ ଗାଁର ଅର୍ଥନୀତିକୁ ମଜଭୂତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ସେ ପୁଣି କହିଥିଲେ ଯେ ପଞ୍ଚାୟତକୁ ବିକାଶର କେନ୍ଦ୍ର କରିବା ଆମର ଲକ୍ଷ୍ୟ ରହିଛି। ଗାଁର ଅର୍ଥନୀତିକୁ ମଜଭୂତ କରିବା ଆମର ଲକ୍ଷ୍ୟ। ଲକ୍ଷ୍ମୀ ବସ୍ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ। ଏହି ଯୋଜନାରେ ନିକଟରେ ଆରମ୍ଭ *(ପୃଷ୍ଠା ୭ରେ)*

# ଓଡ଼ିଶାର ଦକ୍ଷ ମାନବ ସମ୍ବଳ ଉପରେ ସାରା ବିଶ୍ୱର ନଜର

ଭୁବନେଶ୍ୱର, ୧୯।୨

ନ୍ୟୁଜ୍ ବ୍ୟୁରୋ



ଶିଖର ଛୁଇଁଛି ଓଡ଼ିଶାର ଦକ୍ଷତା। ଓଡ଼ିଶାର ଦକ୍ଷ ମାନବ ସମ୍ବଳ ଉପରେ ସାରା ବିଶ୍ୱର ନଜର । କର୍ପୋରେଟ ଦୁନିଆରେ ସ୍କିଲଡ୍ ଇନ ଓଡ଼ିଶାର ଚାହିଦା ଅଧିକ। ଓଡ଼ିଶାରେ ରୂପାନ୍ତର ଚାଲିଥିବା ବେଳେ, ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା ସାଙ୍ଗକୁ ଦକ୍ଷତା ବିକାଶ ଉପରେ ବି ଗୁରୁତ୍ୱ ଦେଉଛନ୍ତି ସରକାର । ଓଡ଼ିଶାରେ ଥିବା ସ୍କିଲ ଇକୋ ସିଷ୍ଟମ ସାରା ଦେଶରେ ଉନ୍ନତ। ଏହାକୁ ଆଗକୁ ନେବା ପାଇଁ ରାଜ୍ୟ ସରକାର ସବୁ ପ୍ରକାର ଉଦ୍ୟମ କରୁଛନ୍ତି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଭୁବନେଶ୍ୱରରେ ଆୟୋଜିତ ଦୁଇଦିନିଆ ବିଶ୍ୱ ଅଭିବୃଦ୍ଧି ଓ ନିଯୁକ୍ତି ସମ୍ମିଳନୀରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି- ଓଡ଼ିଶାର ପିଲା କିପରି ସାରା ବିଶ୍ୱରେ ଦକ୍ଷତା ବିକାଶ ତାଲିମ ଜରିଆରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବେ, ସେ ବାବଦରେ ରାଜ୍ୟ ସରକାର ନିରନ୍ତର ଉଦ୍ୟମ କରୁଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍କିଲଡ୍ ଇନ ଓଡ଼ିଶା କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ସମ୍ମିଳନିରେ ଯୋଗଦେଇଥିବା କର୍ପୋରେଟ ସେକ୍ଟରର ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । କାର୍ଯ୍ୟକ୍ରମରେ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ, ବିଭାଗୀୟ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ସଚିବ ଉଷା ପାଢୀ, ଦକ୍ଷତା ବିକାଶ ଅଧକ୍ଷ ଅଳକା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କୁ ହତ୍ୟା ଧମକ

ଟୁରେଇକେଲା, ୧୯।୨

ନ୍ୟୁଜ୍ ବ୍ୟୁରୋ

କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କୁ ହତ୍ୟା ଧମକ । ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରର ବାଳିକା ଉଚ୍ଚ ବିଦ୍ୟାଳୟ ଓ ଗୋରୁ ବଜାର ଠାରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କୁ ହତ୍ୟା ପାଇଁ ଲାଲ ରଙ୍ଗରେ ଲେଖା ଯାଇଛି । ୧୫ ଦିନ ଭିତରେ ହତ୍ୟା ପାଇଁ ଧମକ ଦିଆଯାଇଛି । ଏକ ଫଟୋ ମଧ ପୋଷ୍ଟରରେ ଲାଗିଛି । ସହର ଭିତରେ କିଏ ଓ କେମିତି ଏହି ପୋଷ୍ଟର ଲଗାଇଛି ତାହା ଅସ୍ପଷ୍ଟ। କଣ୍ଟାବାଞ୍ଜି ସହରରେ ଏ ନେଇ ଚର୍ଚ୍ଚା ଜୋର ଧରିଛି। ଖବର ପାଇ କଣ୍ଟାବାଞ୍ଜି ପୁଲିସ ଲାଗିଥିବା ପୋଷ୍ଟର ଗୁଡିକ ଜବତ କରି ଅଧିକ ତଦନ୍ତ କରୁଛି । ତେବେ ଏ ନେଇ କଣ୍ଟାବାଞ୍ଜି ପୁଲିସର ପ୍ରତିକ୍ରିୟା ମିଳିପାରିନାହିଁ ।

## ଜାନୁଆରୀ ୨୨ ପରଠାରୁ ନୂଆ ଯୁଗର ଆରମ୍ଭ ହୋଇଛି



ଲକ୍ଷ୍ନୌ, ୧୯।୨

ସୋମବାର ଉତ୍ତର ପ୍ରଦେଶର ସମ୍ଭଲ ଗସ୍ତରେ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହି ଅବସରରେ କଲ୍‌କି ଧାମ ମନ୍ଦିରର ଭୂମି ପୂଜନ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଜାନୁଆରୀ ୨୨ ପରଠାରୁ ନୂଆ ଯୁଗର ଆରମ୍ଭ ହୋଇଛି। ଭୂମି ପୂଜନ ପରେ ସମାରୋହରେ ଉପସ୍ଥିତ ଥିବା ଲୋକଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶରେ ୨୨ ଜାନୁଆରୀ *(ପୃଷ୍ଠା ୭ରେ)*

## ପଶ୍ଚିମ ଓଡ଼ିଶାର ୮ ଜିଲ୍ଲାରୁ ତୀର୍ଥଯାତ୍ରାରେ ଗଲେ ଆଉ ୧୦୦୦ ବରିଷ୍ଠ ନାଗରିକ

ସମ୍ବଲପୁର, ୧୯।୨

ନ୍ୟୁଜ୍ ବ୍ୟୁରୋ

ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭବ ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସୋମବାର ସମ୍ବଲପୁର ରେଳଷ୍ଟେସନରୁ ଆରମ୍ଭ ହୋଇଛି ତୃତୀୟ ପର୍ଯ୍ୟାୟ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା । ଏହାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଆଜମେର ପୁଷ୍କରକୁ ତୀର୍ଥଯାତ୍ରା କରିବେ ବରିଷ୍ଠ ନାଗରିକ। *(ପୃଷ୍ଠା ୭ରେ)*

# ପିଓକେ-ଏଲଓସିରେ ଚାଇନା-ପାକିସ୍ତାନର ଷଡ଼ଯନ୍ତ୍ର !

ଶ୍ରୀନଗର, ୧୯।୨



ପାକିସ୍ତାନ ଏହାର କାର୍ଯ୍ୟରୁ ନିବୃତ୍ତ ହେଉ ନାହିଁ । ଏହାର ଏକ ଉଦାହରଣ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ରେ ଦେଖାଯାଉଛି। ଯେଉଁଠାରେ ପାକିସ୍ତାନ ଟେକ୍ନୋଲୋଜିକୁ ଅସ୍ତ୍ର ଭାବରେ ବ୍ୟବହାର କରୁଛି। ବାସ୍ତବରେ ଭାରତ ପାକିସ୍ତାନରୁ ଆତଙ୍କବାଦୀ କାର୍ଯ୍ୟକଳାପକୁ ବହୁ ପରିମାଣରେ ବନ୍ଦ କରିଦେଇଛି।

ଏଭଳି ପରିସ୍ଥିତିରେ ପାକିସ୍ତାନର ଆତଙ୍କବାଦୀ ଗୋଷ୍ଠୀ ହାଇ ଏନକ୍ରିପ୍ଟ ଓ୍ୱାଇଏସଏମଏସ ସେବା ବ୍ୟବହାର କରୁଛନ୍ତି। ଏହି ଟେକ୍ନୋଲୋଜିରେ ସ୍ମାର୍ଟଫୋନ ଏବଂ ରେଡିଓ ସେଟ୍ ମିଶ୍ରିତ ହୋଇଛି, ଯାହା ଯୋଗାଯୋଗ ବ୍ୟବସ୍ଥାର ଗୁପ୍ତଚରୀ କରିବାରେ ସାହାଯ୍ୟ କରିଥାଏ।

ଆତଙ୍କବାଦ ବିସ୍ତାର କରିବାକୁ ପାକିସ୍ତାନ କଶ୍ମୀରରେ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଛି । ଏଭଳି ପରିସ୍ଥିତିରେ ପାକିସ୍ତାନ ପିଓକେ ଏବଂ ଏଲଓସିରେ ଟେଲିକମ ନେଟୱାର୍କ ସ୍ଥାପନ କରୁଛି। ଟେଲିକମ ସଙ୍କେତକୁ ବଢ଼ାଇବା ପାଇଁ ଏକ ସ୍ୱତନ୍ତ୍ର ଯୋଗାଯୋଗ ସଂଗଠନ *(ପୃଷ୍ଠା ୭ରେ)*


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


## ଆଜିଠୁ ମାଟ୍ରିକ ପରୀକ୍ଷା, ଏଆଇ କ୍ୟାମେରା ଓ ସିସି ଟିଭି ନଜରରେ ରହିବ ପରୀକ୍ଷା କେନ୍ଦ୍ର

ଭୁବନେଶ୍ୱର, ୧୯।୨

ନ୍ୟୁଜ୍ ବ୍ୟୁରୋ



ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି ମାଟ୍ରିକ ପରୀକ୍ଷା । ମାର୍ଚ୍ଚ ୪ ଯାଏଁ ଚାଲିବ ଏହି ପରୀକ୍ଷା । ଚଳିତ ଥର ୫ଲକ୍ଷ ୫୧ ହଜାର ୬୧୧ ଛାତ୍ରଛାତ୍ରୀ ୩ହଜାର ୪୭ଟି କେନ୍ଦ୍ରରେ *(ପୃଷ୍ଠା ୭ରେ)*

## ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ରୂପାନ୍ତରିକରଣର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯।୨

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରସ୍ଥିତ ଡକ୍ଟର ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରକୁ ବିଶ୍ୱସ୍ତରୀୟ ଲାଇବ୍ରେରୀରେ ପରିଣତ କରିବାକୁ ସୋମବାର ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ *(ପୃଷ୍ଠା ୭ରେ)*



## ମାର୍ଚ୍ଚ ୧ରେ କଟକ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

କଟକ, ୧୯।୨ : ନ୍ୟୁଜ୍ ବ୍ୟୁରୋ

ଆସନ୍ତା ମାର୍ଚ୍ଚ ୧ ତାରିଖରେ କଟକ ଆସୁଛନ୍ତି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ବ୍ରହ୍ମକୁମାରୀ ଓଡ଼ିଶା ସେବା ପକ୍ଷରୁ ଆୟୋଜିତ ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗ ଦେବେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ୧୯୭୩ ମସିହାରେ ଓଡ଼ିଶାରେ ସ୍ଥାପିତ ହୋଇଥିବା *(ପୃଷ୍ଠା ୭ରେ)*

## ଏକାଳ ସକାଳ




ଆଜି ପରା ପିଲେ ମାଟ୍ରିକ୍ ପରୀକ୍ଷା
ଜମା କର ନାହିଁ ଭୟ
ଟେନ୍‌ସନ୍ ବିନା ଯାଅ ସେଣ୍ଟରକୁ
ଲେଖିବ ନଭୂଲି ଲୟ
ଭାଗ୍ୟ ଭଗବାନ ହେବେ ସହାୟ
ସବୁ ପ୍ରଶ୍ନ ବୁଝି ଲେଖିବ ତାପରେ
ଶ୍ରମର ହୋଇବ ଜୟ।

# ଭାରତୀୟଙ୍କ ଫୁସଫୁସକୁ ଅଧିକ ଦୁର୍ବଳ କରିଛି କରୋନା ମହାମାରୀ



ନୂଆଦିଲ୍ଲୀ, ୧୯।୨

କରୋନା ମହାମାରୀ ଭାରତୀୟଙ୍କ ଫୁସଫୁସକୁ ବହୁତ ଦୁର୍ବଳ କରିଦେଇଛି । ଭେଲୋରର ଖ୍ରୀଷ୍ଟିଆନ ମେଡିକାଲ କଲେଜ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନ ରିପୋର୍ଟରୁ ଏହା ଜଣାପଡିଛି। ୟୁରୋପୀୟ ଏବଂ ଚାଇନା ଲୋକଙ୍କ ଅପେକ୍ଷା ଭାରତୀୟ ଲୋକଙ୍କ ଫୁସଫୁସ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଅଧ୍ୟୟନରେ ଏହା ମଧ ପ୍ରକାଶ ପାଇଛି ଯେ କିଛି ଲୋକ ଗୋଟିଏ ବର୍ଷ ମଧ୍ୟରେ ଏଥିରୁ ମୁକ୍ତି ପାଇପାରିଛନ୍ତି। କିନ୍ତୁ ଅନ୍ୟମାନଙ୍କୁ ଜୀବନସାରା ଦୁର୍ବଳ ଫୁସଫୁସ ସହିତ ବଞ୍ଚିବାକୁ ପଡିବ। ଅଧ୍ୟୟନରେ, ୨୦୭ ଜଣଙ୍କର ଫୁସଫୁସ ପରୀକ୍ଷା କରାଯାଇଥିଲା। ଯେଉଁ ରୋଗୀମାନଙ୍କର କମ କିମ୍ବା ମଧ୍ୟମ ଏବଂ ଗୁରୁତର କରୋନା ସଂକ୍ରମଣ ସମସ୍ୟା ଥିଲା ସେମାନଙ୍କର ଫୁସଫୁସ, ଛଅ ମିନିଟ ଧରି ପରୀକ୍ଷା କରାଯାଇଥିଲା। ଏହା ସହିତ ସେମାନଙ୍କର ରକ୍ତ ପରୀକ୍ଷା ଏବଂ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

ଅତ୍ୟଧିକ ସମ୍ବେଦନଶୀଳ ଫୁସଫୁସକୁ ପରୀକ୍ଷା କରାଯାଇଥିଲା। ଏହାକୁ ଗ୍ୟାସ ସ୍ଥାନାନ୍ତର (ଡିଏଲସିଓ) କୁହାଯାଏ । ଏହା ମାଧ୍ୟମରେ ବାୟୁରୁ ଅମ୍ଳଜାନ ନେବା କ୍ଷମତା ମାପ କରାଯାଏ। ଅନୁସନ୍ଧାନରୁ ଜଣାପଡିଛି ୪୪ ପ୍ରତିଶତ ଲୋକଙ୍କ ଫୁସଫୁସ କ୍ଷତିଗ୍ରସ୍ତ ହୋଇଛି। ଡାକ୍ତରଙ୍କ *(ପୃଷ୍ଠା ୭ରେ)*

## ବାରବାଟୀ ଷ୍ଟାଡିୟମର ହେବ ନବକଳେବର ୨୭ରେ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ

କଟକ, ୧୯।୨

ନ୍ୟୁଜ୍ ବ୍ୟୁରୋ



ଐତିହାସିକ ବାରବାଟୀ ଷ୍ଟାଡିୟମ ନୂଆ ରୂପ ନେବ । ଏଥି ନିମନ୍ତେ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଲାଣି । ରାଜ୍ୟର ଏକମାତ୍ର ଏହି ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମର ନବକଳେବର ନିମନ୍ତେ ଆସନ୍ତା ୨୭ରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ । ଏହାଛଡ଼ା ୪୨ଟି ନୂତନ କ୍ରିକେଟ ଏକାଡେମୀ ମଧ ସେହିଦିନ ଉଦ୍‌ଘାଟିତ ହେବ ବୋଲି ସୂଚନା ମିଳିଛି।

ପ୍ରକାଶଥାଉକି, ବାରବାଟୀ ଷ୍ଟାଡିୟମକୁ ନୂଆ ରୂପ ଦେବା ନିମନ୍ତେ ଉଦ୍ୟମ କରାଯାଉଛି । ଓସିଏର ଗତ ବାର୍ଷିକ ସାଧାରଣ ବୈଠକରେ ଏ ବାବଦରେ ଘୋଷଣା କରାଯାଇଥିଲା। ୭୦ବର୍ଷର ପୁରୁଣା ବାରବାଟୀ ଷ୍ଟାଡିୟମର ନବକଳେବର ନିମନ୍ତେ ଆବଶ୍ୟକ ପଡ଼ିଲେ ବିଭିନ୍ନ ଗ୍ୟାଲେରୀକୁ ଭଙ୍ଗା ଯିବ *(ପୃଷ୍ଠା ୭ରେ)*



## ବସ୍-ସ୍କୁଟି ଧକ୍କା: ୨ ମୃତ

**ଆସିକା, ନ୍ୟୁଜ୍ ବ୍ୟୁରୋ**

କୋଟିନଡା ଥାନା ଡିପଲ ସ୍କୁଲ ନିକଟରେ ରବିବାର ଦିନ ଭୋର୍ ସମୟ ବେଳକୁ ଦୀପକ ନାମକ ଯାତ୍ରୀବାହୀ ବସ୍ ସହ ସ୍କୁଟିର ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି । ଦୁଇ ମୃତକ ହେଲେ ଘୋଷାଣୀ ନୂଆଁ ଗାଁ ଅଞ୍ଚଳର କୁନାଲ ସାହୁ ଓ କେ.ରାଜେଶ । ଖବରପାଇ କୋଟିନଡା ପୋଲିସ ପହଞ୍ଚି ମୃତ ଦେହକୁ ଜବତ କରି ଦୁର୍ଘଟଣା ଘଟାଇଥିବା ବସ୍‌କୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖିଥିବା ସୂଚନା ରହିଛି । ତେବେ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଥିବା ଜଣାପଡିଛି । ସୂଚନା ପ୍ରକାରେ ଯାତ୍ରୀବାହୀ ଦୀପକ ବସ୍‌ଟି ଆସିକାରୁ ଭୁବନେଶ୍ୱର ଯାଉଥିବା ବେଳେ କଲେଜଛକ ପଟୁ ଆସିକା ଦିଗରେ ଆସୁଥିବା ସ୍କୁଟି ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଘଟଣା ସ୍ଥଳରେ ସ୍କୁଟି ଚାଳକ ସହ ସ୍କୁଟିରେ ବସିଥିବା ସାଙ୍ଗର ମୃତ୍ୟୁ ହୋଇଥିଲା । ଖବରରୁ ପ୍ରକାଶ ଯେ ବ୍ରହ୍ମପୁର ଘୋଷାଣୀ ନୂଆଁ ଗାଁର ଦୁଇ ଜଣ ସାଙ୍ଗ କବିସୂର୍ଯ୍ୟନଗର ଅଞ୍ଚଳରେ ଏକ ବାହାଘର ଉତ୍ସବରେ ବେଲୁନ୍ ସଜାଇ ଭୋର୍ ସମୟରେ ନିଜ ଘରକୁ ଫେରୁଥିବା ବେଳେ କୋଟିନଡା ଡିପଲ ସ୍କୁଲ ନିକଟରେ ଏଭଳି ସଡ଼କ ଦୁର୍ଘଟଣା ହୋଇଥିବା ବେଳେ ଖବରପାଇ କୋଟିନଡା ଥାନା ଅଧିକାରୀ କୃଷ୍ଣ ସା ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଥିବା ବେଳେ କୋଟିନଡା ଥାନା କେଶ ନମ୍ବର ୪୬/୨୦୨୪ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡିଛି ।

## ଅଗ୍ନିବୀର ନିଯୁକ୍ତି ରାଲି ନିମନ୍ତେ ଅନ୍‌ଲାଇନ୍ ନାମ ପଞ୍ଜିକରଣ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସେନାବାହିନୀରେ ଅଗ୍ନିବୀର ନିଯୁକ୍ତି ରାଲି ଅଗ୍ନିପଥ ଯୋଜନାରେ ୨୦୨୪ ବର୍ଷ ଚୟନ ପ୍ରକ୍ରିୟା ନିମନ୍ତେ ଅନ୍‌ଲାଇନ୍ ନାମ ପଞ୍ଜିକରଣ ଗତ ୧୩ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨୨ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ସୁବର୍ଣ୍ଣପୁର ଜିଲ୍ଲାର ଇଚ୍ଛୁକ ଯୋଗ୍ୟ ପ୍ରାର୍ଥୀ ଅନ୍‌ଲାଇନ୍‌ରେ ନାମ ପଞ୍ଜିକରଣ କରିପାରିବେ ବୋଲି ସମ୍ବଲପୁର ସ୍ଥିତ ସେନାବାହିନୀ ନିଯୁକ୍ତି ଅଧିକାରୀ ଅବଗତ କରାଇଛନ୍ତି । ଅନ୍‌ଲାଇନ୍ ପରୀକ୍ଷା ୨୦୨୪ ଏପ୍ରିଲ ୨୨ରୁ ଆରମ୍ଭ ହୋଇ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେବ । ପ୍ରଥମେ ଆଶାୟୀଙ୍କୁ କମ୍ପ୍ୟୁଟର ଆଧାରିତ ସାଧାରଣ ପ୍ରବେଶିକା ପରୀକ୍ଷା ଦେବାକୁ ହେବ । ଏହି ପରୀକ୍ଷା ନିମନ୍ତେ ପ୍ରତ୍ୟେକ ଆଶାୟୀ ଅନ୍‌ଲାଇନ୍ ମାଧ୍ୟମରେ ୨୫୦ ଟଙ୍କା ଫି ପୈଠ କରିବାକୁ ପଡିବ । କମ୍ପ୍ୟୁଟର ସମ୍ବନ୍ଧୀୟ ପରୀକ୍ଷା ନିମନ୍ତେ ବିଶେଷ ପରିଚିତ ହେବା ନିମନ୍ତେ କମ୍ପ୍ୟୁଟର ମକଟେଷ୍ଟର ଉପଲବ୍ଧ ତଥା ସବିଶେଷ ବିବରଣୀ ନିମନ୍ତେ ପ୍ରାର୍ଥୀ www.joinindianarmy.nic.inକୁ ଯାଇ ସମସ୍ତ ତଥ୍ୟ ତଥା ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ଉପରେ ସବିଶେଷ ଅବଗତ ହୋଇପାରିବେ ଅଥବା ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରିବେ ।

### ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

## ନିଷ୍ଠାର ସହିତ କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି: କୃଷି ମନ୍ତ୍ରୀ

**ଆଠଗଡ଼, ନ୍ୟୁଜ୍ ବ୍ୟୁରୋ**



ନିଷ୍ଠାର ସହିତ କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି ବୋଲି ଯାହାକି ବ୍ୟକ୍ତିକୁ ନିଜର ଲକ୍ଷ୍ୟରେ ଶୀର୍ଷରେ ପହଞ୍ଚାଇଥାଏ ବୋଲି ସ୍ଥାନୀୟ ବ୍ଲକ ପରିସରରେ ଆୟୋଜିତ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ଥାନୀୟ ବିଧାୟକ ତଥା କୃଷି କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରକାଶ କରିଛନ୍ତି । ଶିକ୍ଷାରେ ଅଗ୍ରଣୀ ଅନୁଷ୍ଠାନ ଫୋରମ ଅଫ ଏକାଡେମିକ୍ସ ପକ୍ଷରୁ ଆୟୋଜିତ ଏହି ପ୍ରତିଭା ସମ୍ମାନ ଉତ୍ସବରେ ଏକାଡେମିକ୍ସର ଅଧ୍ୟକ୍ଷ ଡଃ ଦାମୋଦର ମହାପାତ୍ର ସଭାପତିତ୍ୱ କରି ଶିକ୍ଷାକୁ ସଫଳତାରେ ପହଞ୍ଚାଉଥିବା ସମସ୍ତ ପ୍ରତିଭା ମାନଙ୍କର ସ୍ୱାଗତ କରିବା ସହିତ ସେମାନଙ୍କୁ ଶିକ୍ଷାରେ ଆଠଗଡ ନିର୍ବାଚନ ମଣ୍ଡଳୀକୁ ପ୍ରଥମ କରିବାକୁ ଆହ୍ୱାନ ରଖିଥିଲେ । ଅନ୍ୟତମ ଅତିଥିଭାବେ ଆଠଗଡ ବ୍ଲକ ଶିକ୍ଷାଧିକାରୀ ବିଜୟ ଲକ୍ଷ୍ମୀ ସାମଲ ଏବଂ ତିଗିରିଆ ଶିକ୍ଷାଧିକାରୀ ପ୍ରିୟ ରଞ୍ଜନ ହୋତା ଯୋଗଦେଇ ବ୍ଲକକୁ ଶିକ୍ଷାରେ ଅଗ୍ରଗାମୀ କରିବାକୁ ସମସ୍ତ ପ୍ରଚେଷ୍ଟା ଜାରି ରହିଛି ଏହା ସହିତ ସମସ୍ତ ପ୍ରତିଭା ମାନଙ୍କୁ ଆଗକୁ ବଢିବାକୁ ସମସ୍ତ ସୁଯୋଗ ସୃଷ୍ଟି କରାଯାଉଥିବା ପ୍ରକାଶ କରିଥିଲେ । ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ ଡଃ ରାମ ଚନ୍ଦ୍ର ସାହୁ, ତିଗିରିଆ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣି ନାୟକ ପ୍ରମୁଖ ଯୋଗଦେଇଥିଲେ । ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ୩ ଗୋଟି ବିଦ୍ୟାଳୟ ପରିଚାଳନା କମିଟି, ୪ ଗୋଟି ଗ୍ରାମ ପଞ୍ଚାୟତ, ୨୨୦ ଜଣ ଛାତ୍ରଛାତ୍ରୀ ଏବଂ ୧୦ ଗୋଟି ଉଚ୍ଚ ବିଦ୍ୟାଳୟ, ୯ ଗୋଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୨ ଗୋଟି ଆଲୁମିନ୍ ଏବଂ ଜଣେ ସାଧାନକେନ୍ଦ୍ର ସଂଯୋଜକଙ୍କୁ ଉପଢୌକନ ଏବଂ ଫୁଲତୋଡା ଦେଇ ସମସ୍ତ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି । ଏହା ସହିତ ମହାବିଦ୍ୟାଳୟ ସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଅର୍ଥରାଶି ଦିଆଯାଇ ପୁରସ୍କୃତ କରାଯାଇଥିଲା । ଏକାଡେମିକ୍ସର ସଂଯୋଜକ ଲଳିତ ମୋହନ ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଶିକ୍ଷାବିତ ନିଳମଣୀ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଆଦି ଫେଷ୍ଟର ଦ୍ୱିତୀୟ ଦିବସ: ଆଦିବାସୀମାନଙ୍କ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେଉଛନ୍ତି

**କେନ୍ଦୁଝର, ନ୍ୟୁଜ୍**

ଆଦିବାସୀ କଳା, ସଂସ୍କୃତିର ପ୍ରଚାର ପ୍ରସାର ପାଇଁ କେନ୍ଦୁଝରରେ ଚାଲିଥିବା ଆଦି ଫେଷ୍ଟର ଦ୍ୱିତୀୟ ଦିବସରେ ରବିବାର ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ରାଜ୍ୟ ଉପଦେଷ୍ଟା ତଥା ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ସମ୍ମାନିତ ଅତିଥି ଭାବେ ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ସ୍ୱତନ୍ତ୍ର ଅତିଥି ଭାବେ ପାଟଣାର ବିଧାୟକ ଜଗନ୍ନାଥ ନାୟକ ଓ ଅନ୍ୟତମ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କେନ୍ଦୁଝରର ଅଧ୍ୟକ୍ଷା ସୁଶ୍ରୀ ଲକ୍ଷ୍ମୀ ନାୟକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କେନ୍ଦୁଝରର ଉପାଧ୍ୟକ୍ଷ ନାରାୟଣ ପୂର୍ତ୍ତି, ଚମ୍ପୁଆ ପ୍ରକଳ୍ପ ପ୍ରଶାସକ ଜୟଶ୍ରୀ ମଲ୍ଲିକ ଯୋଗ



ଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିମାନେ ମା' ତାରିଣୀଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷ ଶ୍ରୀ ପୂର୍ତ୍ତି ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଅଭିଭାଷଣ ରଖିଥିଲେ । ପରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ କେନ୍ଦୁଝରର ଅଧ୍ୟକ୍ଷା ସୁଶ୍ରୀ ଲକ୍ଷ୍ମୀ ନାୟକ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ରାଜ୍ୟ ସରକାରଙ୍କ ଏଭଳି ପ୍ରୟାସ ଯୋଗୁଁ ଆଦିବାସୀ ମାନେ ନିଜ ସଂସ୍କୃତି ଓ ନୃତ୍ୟ ପରିବେଷଣ କରିବାର ସୁଯୋଗ ପାଇଲେ ବୋଲି କହିଥିଲେ । ଆଦିବାସୀ ଛାତ୍ର ଛାତ୍ରୀଙ୍କ ପାଇଁ ରାଜ୍ୟ ସରକାର ଲାଗୁ କରିଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟରେ ପାଟଣା ବିଧାୟକ ଶ୍ରୀ ନାୟକ କହିଥିଲେ । ବିଭିନ୍ନ ଆଦିବାସୀ ସମ୍ପ୍ରଦାୟଙ୍କୁ ରାଜ୍ୟ ସରକାର ପ୍ରଦାନ କରିଥିବା ଜଙ୍ଗଲ ଜମି ଅଧିକାର ବିଷୟରେ ସାଂସଦ ସୁଶ୍ରୀ ମୁର୍ମୁ ଆଲୋକପାତ କରିଥିଲେ । ସର୍ବଶେଷରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ରାଜ୍ୟ ଉପଦେଷ୍ଟା ପ୍ରଦୀପ ମାଝୀ କହିଥିଲେ ଯେ, ଆଦିବାସୀଙ୍କ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅହରହ ଚିନ୍ତା କରନ୍ତି ଓ ୫-ଟି ଜରିଆରେ ବିଭିନ୍ନ ଆଦିବାସୀ ବିଦ୍ୟାଳୟ ରୂପାନ୍ତରଣ ହେଉଚି ଆଦିବାସୀଙ୍କ ଶାଳ ଘର, କମ୍ୟୁନିଟି ହଲ୍ ଗୁଡ଼ିକର ରକ୍ଷଣବେକ୍ଷଣ ମଧ୍ୟ କରାଯାଉଛି । ପରେ ଚମ୍ପୁଆର ପ୍ରକଳ୍ପ ନିର୍ଦ୍ଦେଶିକା ଶ୍ରୀମତୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିବା ସହ ସଭା ସାଙ୍ଗ କରାଯାଇଥିଲା ।

## ଅସୁରେଶ୍ୱରରେ ୧୬ ଘଣ୍ଟା ବିଦ୍ୟୁତ୍ କାଟ୍: ଲୋକେ ହଟହଟା

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ବିଦ୍ୟୁତ ବିଭାଗ ଦ୍ୱାରା ଦୀର୍ଘ ୧୬ ଘଣ୍ଟା ଧରି ବିଦ୍ୟୁତ୍ କାଟ୍ କରାଯିବା ଘଟଣାକୁ ନେଇ ଉପଭୋକ୍ତା ମହଲରେ ତୀବ୍ର ପ୍ରତିକ୍ରିୟା ଓ ଅସନ୍ତୋଷ ସୃଷ୍ଟି ହୋଇଛି । ଅସୁରେଶ୍ୱର ବିଦ୍ୟୁତ୍ ବିଭାଗର ହିତାଧିକାରୀମାନଙ୍କୁ ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱ ଟାଟା ପାୱାର ନେଇଛି । ଟାଟା ପାୱାର ଉପଭୋକ୍ତାମାନଙ୍କ ଠାରୁ ଜୋର୍ ଜୁଲମ୍ କରି ବିଲ୍ ଆଦାୟ କରୁଥିଲା ବେଳେ ଲୋକଙ୍କୁ ସେବା ସେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି । ଅସୁରେଶ୍ୱର ବିଦ୍ୟୁତ୍ ସବ୍‌ଷ୍ଟେସନ୍‌ର ୩୩/୧୧ କେଭିର ଜରୁରୀ କାଳୀନ ମରାମତି ପ୍ରତିମାସରେ ଦୁଇ ତିନିଥର କରାଯାଉଛି । ଯାହାକି ଧର୍ମକୁ ଆଖିଠାର ସଦୃଶ । ଉପଭୋକ୍ତାମାନଙ୍କୁ ବିଦ୍ୟୁତ୍ ବିଭାଗ ତରଫରୁ ଭକୁଆ ବନାଯାଉଛି । ଶୁକ୍ରବାର ରାତ୍ର ୯ଟା ବେଳେ ଅସୁରେଶ୍ୱର ଓ କଟିକଟା ପଞ୍ଚାୟତରେ ଆକସ୍ମିକ ଭାବେ ବିଦ୍ୟୁତ୍ କାଟ୍ କରାଯାଇଥିଲା । ଶନିବାର ଦିନ ସାଢେ ୧୨ଟା ବେଳେ ବିଦ୍ୟୁତ୍ ଶକ୍ତି ଆସିଥିଲା । ତେବେ ଦୀର୍ଘ ୧୬ ଘଣ୍ଟା ଧରି ବିଦ୍ୟୁତ୍ କାଟ୍ କରାଯାଇଥିବା କାରଣରୁ ସାଧାରଣ ଲୋକେ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । ଏପରିକି +୨ ପରୀକ୍ଷା ଚାଲିଥିଲା ବେଳେ ମାଟ୍ରିକ୍ ପରୀକ୍ଷା ଆଉ ମାତ୍ର ୨ ଦିନ ପରେ ହେବ । ସ୍ଥାନୀୟ ଅଞ୍ଚଳରେ କିରୋସିନିର ଉତ୍କଟ ଅଭାବ ଥିଲାବେଳେ ଘନ ଘନ ବିଦ୍ୟୁତ୍ କାଟ୍ ଯୋଗୁ ଛାତ୍ର ଛାତ୍ରୀମାନେ ପାଠ ପଢିବା ନିମନ୍ତେ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । ଏପରିକି ରୋଗାଗ୍ରସ୍ତ ଲୋକେ ଓ କୋମଳମତି ଶିଶୁମାନେ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । ସ୍ଥାନୀୟ ଲୋକେ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟକୁ ବାରମ୍ବାର ଫୋନ୍ କରିଥିଲେ ମଧ୍ୟ କେହି ହେଲେ ଫୋନ୍ ଉଠାଇନଥିବାର ଅଭିଯୋଗ ହୋଇଛି । ତେବେ ଏହି କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ କିମ୍ବା କୌଣସି ଲାଇନ୍‌ମ୍ୟାନ୍ ରହୁନଥିବାର ଅଭିଯୋଗ ହୋଇଛି । ଏପରିକି ଟାଟା ପାୱାରରେ କାର୍ଯ୍ୟରତ ଫ୍ରାଞ୍ଚାଇଜ୍ କର୍ମଚାରୀମାନେ ଆନ୍ଦୋଳନରେ ବ୍ୟସ୍ତ ରହିଛନ୍ତି । ଫଳରେ ଏହି କାର୍ଯ୍ୟାଳୟ ସତେଯେପରି ବାପା ମାଆ ନଥିବାର ଅଭିଯୋଗ ହୋଇଛି । ପ୍ରଶାସନ ତରଫରୁ ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯିବା ନିମନ୍ତେ ବିଜେଡି ଯୁବନେତା ରାଜକିଶୋର ସିଂ, ସାମ୍ବାଦିକ ସରୋଜ କୁମାର ସିଂ, ଫାଲଗୁନିପ୍ରସାଦ ପଣ୍ଡା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଦୃଢ ଦାବି କରିଛନ୍ତି । ନଚେତ୍ ଆଗାମୀ ଦିନରେ ସ୍ଥାନୀୟ ଲୋକେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ପଛାଇବେ ନାହିଁ ବୋଲି ଚରମ ଚେତାବନୀ ଦେଇଛନ୍ତି ।

## 'ମା'ର ପଣତ ଶ୍ରୀମନ୍ଦିର ନେତ' ପୁସ୍ତକ ଉନ୍ମୋଚିତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

 କେନ୍ଦ୍ରାପଡ଼ାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ 'ମା'ର ପଣତ ଶ୍ରୀମନ୍ଦିର ନେତ' ପୁସ୍ତକ ଉନ୍ମୋଚନ ଓ କବିତା ପାଠ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ପୌରସଂସ୍ଥା ଟାଉନ୍ ହଲ୍ ପରିସରରେ ମେଜର ଭରତ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ପୌରାଧ୍ୟକ୍ଷା ସରିତା ସାହୁ, ନନ୍ଦ କିଶୋର ପରିଡ଼ା ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ



ପ୍ରଭାସ ଚନ୍ଦ୍ର ଦାସ, ପ୍ରକୃତି କବି ପ୍ରେମାନନ୍ଦ ଖଣ୍ଡୁଆଳ ପ୍ରମୁଖ ଯୋଗଦେଇ ନାରାୟଣ ପତିଙ୍କ କବିତା ସଂକଳନ ପୁସ୍ତକ 'ମା'ର ପଣତ ଶ୍ରୀମନ୍ଦିର ନେତ' ଉନ୍ମୋଚିତ କରିଥିଲେ । ଆମ ଗାଁ ସାହିତ୍ୟ ପରିଷଦର ସମ୍ପାଦକ ସ୍ୱପ୍ନାଂଶୁ କୁମାର ଦାସ ସ୍ୱାଗତ ଭାଷଣ ଓ ବରିଷ୍ଠ କବି କୁଞ୍ଜବିହାରୀ ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ ଗିରିଜାକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ କବି ଏହି ସମ୍ମିଳନୀରେ ଯୋଗ ଦେଇଥିଲେ । କବି ଶୈଳଜା ଶଙ୍କର ସାମଲ, ଅଶୋକ କୁମାର ସାହୁ, କବିତା ମୁଦୁଲିଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ପାଠ ଉତ୍ସବରେ କବି ରଘୁନାଥ ସାହୁ, କିଶୋର ଚନ୍ଦ୍ର ପୃଷ୍ଟି ଉପସ୍ଥିତ ଥିଲେ ।

## ମୋବାଇଲ ଟାୱାରରୁ ମେସିନ୍ ଚୋରି ଅଭିଯୋଗରେ ୨ ଗିରଫ

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ବାରଙ୍ଗ ଥାନା ଅନ୍ତର୍ଗତ ମଧୁବନ ଗ୍ରାମରେ ଥିବା ଏକ ମୋବାଇଲ ଟାୱାରରୁ ବୁଧବାର ରାତିରେ ଦୁଇଟି ମେସିନ୍ ଚୋରି ହୋଇଥିବା ନେଇ ଗୁରୁବାର ଦିନ କଟକ ଚାଉଳିଆଗଞ୍ଜର ସୌମ୍ୟାକାନ୍ତ ମହାନ୍ତି ନାମକ ବ୍ୟକ୍ତି ବାରଙ୍ଗ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ୮୨/୨୪ କେସ୍ ନମ୍ବରରେ ଏକ ମକଦ୍ଦମା ରୁଜୁକରି ତଦନ୍ତ ଆରମ୍ଭ କରିଥିଲେ । ଶୁକ୍ରବାର ରାତିରେ ଚୋରି ହୋଇଥିବା ୨ଟି ମେସିନ୍‌କୁ ବିକ୍ରି କରିବା ଉଦ୍ଦେଶ୍ୟରେ ବାଇକ୍ ଯୋଗେ ୨ ଜଣ ଆସୁଥିବା ବେଳେ ପୋଲିସ ସେମାନଙ୍କୁ କ୍ଷଣପୁର ଗାଁ ପାଖରୁ ଧରିବାରେ ସକ୍ଷମ ହୋଇଥିଲେ । ସେମାନଙ୍କୁ ଥାନାକୁ ଆଣି



ପଚରାଉଚରା କରିବା ପରେ ସେମାନେ ଟାୱାରରୁ ମେସିନ୍ ଚୋରି କରିଥିବାର ମାନିଯାଇଥିଲେ । ପୋଲିସ ଯାଆଁଳାରେ ରହୁଥିବା ବିହାର ଅଞ୍ଚଳର ସୁଜିତ ଗିରି ଓ ସୁଜିତ କୁମାର ସିଂଙ୍କୁ ଗିରଫ କରି ସେମାନଙ୍କ ଠାରୁ ଚୋରି ସାମଗ୍ରୀ ଜବତ କରି ଶନିବାର ଦିନ ଅଦାଲତ ଚାଲାଣ କରିଛି ।

## ଉଦ୍ଧାର ଦୁଇ ଅଜଗରକୁ ଜଙ୍ଗଲରେ ଛଡ଼ାଗଲା

**ବ୍ରଜରାଜନଗର, ନ୍ୟୁଜ୍ ବ୍ୟୁରୋ**

ଓରିଏଣ୍ଟ ଥାନା ଅନ୍ତର୍ଗତ ପୌରପରିଷଦ ୱାର୍ଡ ନମ୍ବର ୧ ଫୋର ପିଟ ଅଞ୍ଚଳରେ ଥିବା କଲୋନୀରୁ ଶନିବାର ଦୁଇଟି ଅଜଗର ସାପ ଉଦ୍ଧାର ହୋଇଛି । ଶନିବାର ଉକ୍ତ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘର ପଛ ପଟେ ଏହି ଅଜଗର ସାପ ଦୁଇଟି ବୁଲୁଥିବା ଦେଖି ଲୋକମାନେ ସାପ ଧରାଳି ଶ୍ରୀରାମ ଗଡ଼ନାୟକଙ୍କୁ ଖବର ଦେଇଥିଲେ । ଖବରପାଇ ଶ୍ରୀରାମ ଘଟଣାସ୍ଥଳରେ ପହଞ୍ଚି ଦୁଇଟି ଯାକ ସାପକୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରିଥିଲେ । ଉଦ୍ଧାର ହୋଇଥିବା ଗୋଟିଏ ଅଜଗର ୮ ଫୁଟ ଲମ୍ବ ଓ ୧୨ କେଜି ଏବଂ ଅନ୍ୟଟି ୭ ଫୁଟ ଲମ୍ବ ଓ ୬ କେଜି ଓଜନ ଥିଲା । ରବିବାର ସକାଳୁ ବନବିଭାଗକୁ ଜଣାଇବା ପରେ ପ୍ରଭୁଜିତ ବାରିକ ଓ ଯୋଗେଶ୍ୱର ଦେହୁରୀଙ୍କ ସହଯୋଗରେ ଉଭୟ ସାପକୁ ଆମ୍ବଦରହ ଜଙ୍ଗଲରେ ଛାଡ଼ି ଦେଇଥିବା ଜଣାପଡ଼ିଛି ।



## ଦୁର୍ବୃତ୍ତର ଛୁରାମାଡ଼ରେ ବାପ-ଝିଅ ଗୁରୁତର

**ବ୍ରଜରାଜନଗର, ନ୍ୟୁଜ୍ ବ୍ୟୁରୋ**

ଓରିଏଣ୍ଟ ଥାନା ଅନ୍ତର୍ଗତ ମଙ୍ଗଳା ମନ୍ଦିର ନିକଟସ୍ଥ ଏକ ଦୋକାନରେ ବାପ ଝିଅଙ୍କୁ ଜଣେ ବ୍ୟକ୍ତି ଛୁରା ମାଡ଼ କରିଥିବା ଅଭିଯୋଗ ହୋଇଛି । ଛୁରା ମାଡ଼ରେ ଅଞ୍ଜନି ପ୍ରସାଦଙ୍କ ବେକ ଓ ହାତ ଏବଂ ତାଙ୍କ ଝିଅ ଅନୁ ଭାରଦ୍ୱାଜଙ୍କ ହାତରେ ଆଘାତ ଲାଗିଛି । ସେପଟେ ଛୁରା ମାଡ଼ କରି ଦୁର୍ବୃତ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ସୂଚନା ମିଳିଛି । ପୁଲିସ ଏକ ମାମଲା ରୁଜୁ କରି ଆକ୍ରମଣକାରୀକୁ ଧରିବା ପାଇଁ ଚେଷ୍ଟା ଜାରି ରଖିଥିବା ପୁଲିସ କହିଛି । ପୁଲିସରୁ ମିଳିଥିବା ସୂଚନା ଅନୁସାରେ, ମଙ୍ଗଳା ମନ୍ଦିରରେ ଅଞ୍ଜନି ପ୍ରସାଦଙ୍କ ଏକ ଜଳଖିଆ ଦୋକାନ ରହିଛି । ହେଲେ ରବିବାର ସକାଳେ ଅଞ୍ଜନି ପ୍ରସାଦ ଓ ତାଙ୍କ ଝିଅ ଅନୁ ଦୋକାନରେ ଥିବା ବେଳେ ସମ୍ପୃକ୍ତ ଦୁର୍ବୃତ୍ତ ପହଞ୍ଚି ଜଳଖିଆ ମାଗିଥିଲେ । ତେବେ କୌଣସି କଥାକୁ ନେଇ ଯୁକ୍ତି ତର୍କ ହେବା ପରେ ଉତ୍ୟକ୍ତ ବ୍ୟକ୍ତି ଜଣକ ଉଭୟ ବାପ ଝିଅଙ୍କୁ ଛୁରୀରେ ଆକ୍ରମଣ କରିଥିଲା ।





## ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନ ଜାରି: ପଶୁ ଚିକିତ୍ସା ଠପ୍

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନ ଯୋଗୁଁ ପଶୁପାଳକ ମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି । ପ୍ରାଣୀ ସମ୍ପଦର ଚିକିତ୍ସା ସେବା ପାଇବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ପ୍ରକାଶଯୋଗ୍ୟ ଯେ ପ୍ରାଣୀ ଚିକିତ୍ସା ସେବା ବ୍ୟବସ୍ଥାରେ ବ୍ୟାପକ ରୂପାନ୍ତରଣ ତଥା ପ୍ରାଣୀ ଚିକିତ୍ସକଙ୍କ କ୍ୟାଡ଼ର ପୁନର୍ଗଠନ, କେନ୍ଦ୍ରୀୟ ହାରରେ ଡିଏସପି ଏବଂ ଏନପିଏ ପ୍ରଦାନ, ନିଶୁଳ୍କ, ନିରାମୟ ଓ ନିରନ୍ତର ୨୪ ଘଣ୍ଟା ପ୍ରତିଦିନ ପ୍ରାଣୀ ଚିକିତ୍ସା ଯୋଗାଇ ଦେବା ଆଦି ୪ ଦଫା ଦାବି ପୂରଣ ନିମନ୍ତେ ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘ ଡାକରାରେ ବୌଦ୍ଧ ଜିଲ୍ଲାର ସମସ୍ତ ପ୍ରାଣୀ ଚିକିତ୍ସକ ସମୂହ ଛୁଟିରେ ଯାଇଛନ୍ତି । ଆଜିକୁ ୩୦ ଦିନରୁ ଉର୍ଦ୍ଧ୍ୱ ହେବ ଜିଲ୍ଲାର ୩ଟି ବ୍ଲକରେ ଥିବା ୭ଟି ପ୍ରାଣୀ ଚିକିତ୍ସାଳୟରେ ପ୍ରାଣୀ ଚିକିତ୍ସା ସେବା ଠପ୍ ହୋଇଯାଇଛି । ଏହାଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଛନ୍ତି ଗରିବ ଚାଷୀ ଓ ପ୍ରାଣୀ ପାଳକମାନେ । ଚିକିତ୍ସା ପାଇବାରୁ ବଞ୍ଚିତ ହୋଇ ବହୁ କୁକୁଡା, ଛେଳି, ଗାଈ ଉପଯୁକ୍ତ ଚିକିତ୍ସା ନପାଇ ମୃତ୍ୟୁ ମୁଖରେ ପଡିଲେଣି । ପ୍ରାଣୀ ଚିକିତ୍ସା ସେବା ସହିତ ଗାଈ, ଛେଳି, କୁକୁଡ଼ା ଫାର୍ମ ଆଦିର ସରକାରୀ ସବ୍‌ସିଡି ପାଇବାକୁ ଗରିବ ହିତାଧିକାରୀ ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ବଞ୍ଚିତ ହେଉଛନ୍ତି । ଫଳସ୍ୱରୂପ ପ୍ରାଣୀ ପାଳକ, ମହିଳା ସ୍ୱୟଂ ସହାୟକ ଦଳ, ଦୁଗ୍ଧ ସମବାୟ ସମିତି, ପ୍ରାଣୀ କଲ୍ୟାଣ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ଏକତ୍ରିତ ହୋଇ ତୁରନ୍ତ ଏହି ଅଚଳାବସ୍ଥା ଦୂରକରିବା ପାଇଁ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ ।

## ବେଦାନ୍ତ ପକ୍ଷରୁ ବାଣିଜ୍ୟିକ ଯାନ ପାଇଁ ବାୟୋ ଡିଜେଲର ସଫଳ ପରୀକ୍ଷା

**ଲାଞ୍ଜିଗଡ଼, ନ୍ୟୁଜ୍ ବ୍ୟୁରୋ**

ବେଦାନ୍ତ ଆଲୁମିନିୟମ ଲିମିଟେଡ, ଲାଞ୍ଜିଗଡ଼, ଭାରତର ଅଗ୍ରଣୀ ମେଟାଲର୍ଜିକାଲ ଗ୍ରେଡର ଆଲୁମିନିୟମ ନିର୍ମାତା ବାୟୋଡିଜେଲ ପ୍ରୟୋଗ ଅନୁସନ୍ଧାନ ଆରମ୍ଭ କରିଛି । କମ୍ପାନୀ ଏହାର ବ୍ୟବସାୟିକ ଯାନ ଗୁଡ଼ିକର ସବୁଜ ଇନ୍ଧନ ଭାବରେ ବାୟୋ ଡିଜେଲକୁ ଉପଯୋଗ କରିବ । ୨୦୫୦ ସୁଦ୍ଧା ବା ଶୀଘ୍ର ନେଟ୍ ଶୂନ୍ୟ କାର୍ବନ ହାସଲ କରିବାରେ କମ୍ପାନୀର ଏହି ଯାତ୍ରା ଏକ ରଣନୀତିକ ପଦକ୍ଷେପ । ଛତିଶଗଡ଼ର ବାଲକୋ ଠାରେ ମଧ୍ୟ କମ୍ପାନୀ ପକ୍ଷରୁ ଏହିପରି ପଦକ୍ଷେପ ଗ୍ରହଣ କରାଯାଉଛି । ବାୟୋ ଡିଜେଲ ହେଉଛି ବାୟୋମାସରୁ ଉତ୍ପନ୍ନ ଏକ ସବୁଜ ଇନ୍ଧନର ରୂପ ଓ ପେଟ୍ରୋଲିୟମ ଉତ୍ପାଦିତ ଡିଜେଲ ପାଇଁ ଏକ ନବୀକରଣ ଯୋଗ୍ୟ ବିକଳ୍ପ ଯାହା ଜଳିଲେ କମ୍ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ କରିଥାଏ । ଏହାକୁ ବ୍ୟବହାର କରିବା ଦ୍ୱାରା ଯାନ ବାହନର କାର୍ଯ୍ୟଦକ୍ଷତା ବୃଦ୍ଧି ପାଏ ଓ ଇନ୍ଧନ ଖର୍ଚ୍ଚ ହ୍ରାସ ପାଏ । କମ୍ପାନୀ ଓଡ଼ିଶାର ଲାଞ୍ଜିଗଡ଼ରେ ଥିବା ବିଶ୍ୱସ୍ତରୀୟ ଆଲୁମିନା ରିଫାଇନାରୀରେ ୩ ଟନ୍ ଓ ୫ ଟନ୍ ବୈଦ୍ୟୁତିକ ଫର୍କଲିଫ୍ଟ ମଧ୍ୟ ଯୋଗାଇ ଦେଉଛି ଓ ଓଡ଼ିଶା ତଥା ଛତିଶଗଡ଼ର ଏହାର କାର୍ଯ୍ୟରେ ୪୪ଟି ବିଦ୍ୟୁତ୍ ଲିଥିୟମ ଆୟନ ଫର୍କଲିଫ୍ଟକୁ କାର୍ଯ୍ୟକାରୀ କରୁଛି । ବେଦାନ୍ତ



ଆଲୁମିନିୟମ ୨୦୩୦ ସୁଦ୍ଧା ଏହାର ୧୦୦% ହାଲୁକା ମୋଟର ଯାନ ଓ ୨୦୩୫ ସୁଦ୍ଧା ଏହାର ଖଣି ଫ୍ଲିଟ ପାଇଁ ୭୫% ଡିକାର୍ବନାଇଜେସନ କରିବାକୁ ପ୍ରତିଶ୍ରୁତି ଦେଇଛି । ବେଦାନ୍ତ ଲାଞ୍ଜିଗଡ଼ର କ୍ଲାଇମେଟ ଆକ୍ସନ ପ୍ରୟାସ ବିଷୟରେ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ, ସିଇଓ-ଆଲୁମିନା ବିଜିନେସ, ବେଦାନ୍ତ ଲିମିଟେଡ କହିଛନ୍ତି ଯେ- ବେଦାନ୍ତରେ ଆମେ ଜଳବାୟୁ କାର୍ଯ୍ୟ ଉପରେ ଏକ ଦ୍ୱିପାକ୍ଷିକ ଅବଲମ୍ବନ ପନ୍ଥା ଗ୍ରହଣ କରିଛୁ । ଯେଉଁଥିରେ ଆମର କାର୍ବନ ପଦ ଚିହ୍ନ ହ୍ରାସ ହେବ ଓ ନିର୍ଗମନ ବନ୍ଦ ହୋଇପାରିବ । ସବୁଜ ଇନ୍ଧନକୁ ସ୍ଥାନାନ୍ତରଣ ହେଉଛି ଆମର ଏହି ପ୍ରୟାସ । ବ୍ୟବହାର କରାଯାଉଥିବା ଡିଜେଲର ଅନୁପାତକୁ କମ୍ କରି ବେଦାନ୍ତ ଲାଞ୍ଜିଗଡ଼ ଏହାର ପ୍ରତ୍ୟେକ କାର୍ଯ୍ୟକୁ ଡିକାର୍ବନାଇଜେସନ ପାଇଁ ଉନ୍ନତ ପ୍ରଯୁକ୍ତି ସହାୟତା ନେଉଛି ବୋଲି ଶ୍ରୀ ଭଟ୍ଟାଚାର୍ଯ୍ୟ କହିଛନ୍ତି ।

## ଆଜିର ଭଲମନ୍ଦ



**ଉଦୟକାଳୀନ ଗ୍ରହଚକ୍ର**





**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୦।୨।୨୦୨୪, ଫାଲ୍‌ଗୁନ ଦି୮ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୦୬।୧୪।୦୧ ଚନ୍ଦ୍ରୋଦୟ- ଦିଘ ୨।୧୩।୦୬**

ଏକାଦଶୀ- ଦିଘ ୯।୫୬ ପର୍ଯ୍ୟନ୍ତ । ଆର୍ଦ୍ରା ନକ୍ଷତ୍ର- ଦିଘ ୧୨।୧୪ ପର୍ଯ୍ୟନ୍ତ । ମିଥୁନ ଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** କନ୍ୟା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ଦିଘ ୯।୫୬ ପରେ ପୋଇ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୯।୦୯ ଗତେ ଘ ୧୦।୫୨ ମଧ୍ୟେ । ରାଘ ୧୦।୯ ଗତେ ଘ ୧୨।୭ ମଧ୍ୟେ । **ପର୍ବୋତ୍ସବ -** ଭୈମୀ ଏକାଦଶୀ (ସ୍ମାର୍ତ୍ତ), ଅଚ୍ୟୁତାନନ୍ଦ ଜୟନ୍ତୀ, ବରାହ ଦ୍ୱାଦଶୀ ।



**ମେଷ:** ସମସ୍ତ କ୍ଷେତ୍ରରେ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିବେ । ବନ୍ଧୁଙ୍କ ଠାରୁ ମାନସମ୍ମାନ ପାଇ ଖୁସି ହେବେ । ନୂତନ କର୍ମାରମ୍ଭ କରିପାରନ୍ତି । ରୋଜଗାର ମଧ୍ୟମ ଧରଣର ହେବ । ଘରେ ଶାନ୍ତି ରହିବ ।



**ବୃଷ:** ବ୍ୟବସାୟରେ ଲାଭବାନ୍ ହେବେ । ଅପରାହ୍ନେ ବନ୍ଧୁଙ୍କ ଆଗମନ ହୋଇପାରେ । ଆୟ ସ୍ଥିର ରହିବ । ପାରିବାରିକ ଜୀବନ ସୁଖମୟ ହେବ । କଚେରୀ ମାମଲାରେ ସଫଳତା ହାସଲ କରିବେ ।



**ମିଥୁନ:** ସ୍ୱାଧୀନ ଭାବରେ ଜୀବନ ଯାପନ କରିବେ । କଚେରୀ ମାମଲାରେ ଶୁଣାଣି ବିଳମ୍ବ ହେବ । ଶୁଭ ଖବର ପ୍ରାପ୍ତ ହେବ । ପାରିବାରିକ ସୁଖ ଅନୁଭବ କରିବେ । ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ ।



**କର୍କଟ:** କର୍ମକ୍ଷେତ୍ରରେ ପଥରୋଧର ସମ୍ମୁଖୀନ ହେବେ । ମାନସିକ ଅଶାନ୍ତି ଦେଖାଦେବାର ସୂଚନା । ଭୁଲ୍ ଖବର ପାଇ ବିବ୍ରତ ହେବେ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ଆୟ ଓ ବ୍ୟୟ ସମାନ ରହିବ ।



**ସିଂହ:** ସରକାରୀ ସ୍ତରରୁ ଲାଭବାନ୍ ହେବେ । ବାକି ରହିଥିବା କାମଟି ପୂରଣ କରିବେ । ରୋଜଗାରରେ ଉନ୍ନତି ହେବ । ସାମାଜିକ ସ୍ତରରେ ମାନସମ୍ମାନ ଲାଭ । ପାରିବାରିକ ଜୀବନ ସୁଖମୟ ହେବ ।



**କନ୍ୟା:** କାର୍ଯ୍ୟକ୍ଷେତ୍ରରେ ଅସଫଳତା ଦେଖାଦେବ । ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ଯୋଗ ରହିଛି । ମାନସିକ ଶାନ୍ତି ହାନି ଘଟିବ । ଆର୍ଥିକ ସ୍ଥିତି ଯାହା ହେବ ଘରେ ଅଶାନ୍ତି ଦେଖାଦେବ । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।



**ତୁଳା:** ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ । ସବୁ କଥାକୁ ହାଲ୍କା ଭାବେ ନେବେ । ସୌଖୀନ ଦ୍ରବ୍ୟ କ୍ରୟ କରିବେ । ଆୟ ତୁଳନାରେ ବ୍ୟୟର ପରିମାଣ ବଢ଼ିବ । ପାରିବାରିକ ଶାନ୍ତି ମିଳିବ ।



**ବିଛା:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସିଦ୍ଧି ହେବ । ଘରେ ବନ୍ଧୁ ମିଳନ ସହିତ ଆମୋଦ ପ୍ରମୋଦର ସୁଅ ଛୁଟିବ । ପାରିବାରିକ ସୁଖ ଶାନ୍ତିରେ ବ୍ୟାହତ ଘଟିବ । ରୋଜଗାର ଉତ୍ତମ ହେବ । ପ୍ରଶଂସିତ ହେବେ ।



**ଧନୁ:** ଆଜି ଆପଣଙ୍କର ଦିନଟି ଆମୋଦ ପ୍ରମୋଦ ଭିତରେ କଟିବ । ଭ୍ରମଣର ସୁଯୋଗ ସୃଷ୍ଟି ହେବ । ବିବାଦୀୟ ଘଟଣାରେ ନିରବ ରହିବା ଭଲ । ଆୟ ସ୍ଥିର ରହିବ । ଗୃହେ ଶାନ୍ତି ଲାଭ ।



**ମକର:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଦୂରଯାତ୍ରା ଆପଣଙ୍କର ସଫଳ ହେବ । ମାନସମ୍ମାନ ଲାଭ ହେବ । ପାରିବାରିକ ସମସ୍ୟା ହେତୁ ଚିନ୍ତିତ ରହିବେ । ଦେହ ଭଲ ରହିବ ।



**କୁମ୍ଭ:** ଆପଣ ଯେତେ ଭଲ କାମ କଲେ ମଧ୍ୟ ସହକର୍ମୀ ଆପଣଙ୍କର ଭୁଲ୍ ଖୋଜି ଚାଲିବ । ରୋଜଗାରର ମାତ୍ରା ବଢ଼ିବ । ଘରକୁ ବନ୍ଧୁଙ୍କର ଆଗମନ ହୋଇପାରେ । ପାରିବାରିକ ସହଯୋଗ ଲାଭ କରିବେ ।



**ମୀନ:** ଆପଣ ଯାହା କରିବାକୁ ଚାହିଁବେ ସମସ୍ତ କ୍ଷେତ୍ରରେ କେହି ନା କେହି ପ୍ରତିରୋଧ କରିବେ । ସେବା ପୂଜାରେ ନିଜକୁ ନିୟୋଜିତ କରନ୍ତୁ । ପାରିବାରିକ ସ୍ଥିତି ଉତ୍ତମ ରହିବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ ।



## ବିଦଗ୍ଧ କବିଙ୍କ ୨୬୪ ତମ ଜୟନ୍ତୀ ପାଳିତ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ୨୬୪ ତମ ଜୟନ୍ତୀ ସମାରୋହ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ପାଳିତ ହୋଇଯାଇଛି । ଅଭିମନ୍ୟୁ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଏବଂ ଜିଲ୍ଲା ସଂସ୍କୃତି ପରିଷଦ ଯାଜପୁରଙ୍କ ସହଯୋଗ କ୍ରମେ ଉକ୍ତ ଉତ୍ସବକୁ ଅଭିମନ୍ୟୁ ସାଂସ୍କୃତିକ ପରିଷଦର ସଭାପତି ଡାକ୍ତର ରାଜ କିଶୋର ପଣ୍ଡା ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ପ୍ରଫେସର ସୁଧିର କୁମାର ଜେନା ଓ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ବୈଜ୍ଞାନିକ ଡ଼ଃ ଚିତ୍ତ ରଂଜନ ମିଶ୍ର ବକ୍ତବ୍ୟର ରୀତି ଯୁଗୀୟ କବି ଅଭିମନ୍ୟୁଙ୍କ କାବ୍ୟ ଓ ସାହିତ୍ୟ ଓଡ଼ିଆ ଭାଷାକୁ କେତେ ସମୃଦ୍ଧ କରିଛି ତାହା କହିବା ସହିତ ବିଦ୍ୟାଳୟ ପାଠ୍ୟ ପୁସ୍ତକରେ କବିଙ୍କ ଉଚ୍ଚ କୋଟୀର ସାହିତ୍ୟ ସ୍ଥାନୀତ ନ ହେବା ବିଡ଼ମ୍ବନାର ବିଷୟ ବୋଲି କହିଥିଲେ । ସମ୍ପାଦକ କୈଳାଶ ଚନ୍ଦ୍ର ନାୟକ ତାଙ୍କ ଅଭିଭାଷଣରେ ବିଦଗ୍ଧ କବି କେବଳ ଯାଜପୁର ଜିଲ୍ଲା ନୁହେଁ ଓଡ଼ିଶା ରାଜ୍ୟର ଜଣେ ବରପୁତ୍ର ଥିଲେ ବୋଲି କହିବା ସହିତ ତାଙ୍କୁ ସରକାର ଉପଯୁକ୍ତ ମର୍ଯ୍ୟାଦା ଦେଇପାରି ନାହାଁନ୍ତି ବୋଲି ଅଭିଯୋଗ କରିଥିଲେ । ଏହି ଅବସରରେ ବିଦଗ୍ଧ କବିଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ ହୋଇଥିବା ବେଳେ ଏହାର ଶିଳ୍ପୀ ଶରତ ଚନ୍ଦ୍ର ମୁଦୁଲିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟତମ ସଭ୍ୟ ସମାଜସେବୀ ସତ୍ୟ ରଞ୍ଜନ କର ମଧ୍ୟ ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ନିତ୍ୟାନନ୍ଦ ମିଶ୍ର ପ୍ରାକ୍ ସୂଚନା ଦେଇଥିବା ବେଳେ ବରିଷ୍ଠ କର୍ମକର୍ତ୍ତା ମନ୍ମଥ ରାୟ ସ୍ୱାଗତ ଭାଷଣ ଏବଂ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଡାକ୍ତର ରାଜ କିଶୋର ପଣ୍ଡାଙ୍କ ଲିଖିତ ନାଟକ ପୁସ୍ତକ 'ପର୍ଶୁରାମ' ଉନ୍ମୋଚିତ ହୋଇଥିଲା ଓ ଏହା ମଧ୍ୟ ମଞ୍ଚସ୍ଥ କରାଯାଇଥିଲା । ଚଳିତ ବର୍ଷ ଡ଼ଃ ଚିତ୍ତ ରଂଜନ ମିଶ୍ରଙ୍କୁ ବିଦଗ୍ଧ କବି ସମ୍ମାନ ପ୍ରଦାନ କରାଯାଇଥିଲା । ଶେଷରେ ସୁବାଷ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ ।

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ସ୍ୱର୍ଣ୍ଣପଦକ ଜିତିଲେ ପ୍ରତ୍ୟାଶା ରାୟ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

TM

E-mail : sambadkalikanews@gmail.com

The Sambad Kalika

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper
NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୧ ● ସଂଖ୍ୟା–୨୫ ● ୨୦ ଫେବୃୟାରୀ ୨୦୨୪, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-25 ● 20th February 2024, Tuesday ● Bhubaneswar

Licensed to post without pre-payment of postage No- BN-60/22-24



DSPL-674

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା



# ପଟ୍ଟା ପ୍ରଦାନ ସମାରୋହ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

## ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ

ଦ୍ୱାରା

## ଶୁଭାରମ୍ଭ

୨୦ ଫେବୃଆରୀ ୨୦୨୪

**"ରାଜ୍ୟରେ ସିକିମ୍ ସ୍ୱତ୍ୱ ଭାବେ ରେକର୍ଡ ହୋଇଥିବା ଜମିର ଦଖଲକାରୀଙ୍କୁ ସେହି ଜମି ଉପରେ ସ୍ଥିତିବାନ ସ୍ୱତ୍ୱର ପଟ୍ଟା ପ୍ରଦାନ ଏକ ଲୋକାଭିମୁଖୀ ପଦକ୍ଷେପ ।"**

- ସିକିମ୍ ସ୍ୱତ୍ୱଧାରୀ ଚାଷୀମାନଙ୍କୁ ସ୍ଥିତିବାନ ପଟ୍ଟା ପ୍ରଦାନ ପାଇଁ ଓଡ଼ିଶା ଭୂସଂସ୍କାର ଆଇନ୍, ୧୯୬୦ର ଆବଶ୍ୟକୀୟ ସଂଶୋଧନ କରାଯାଇଛି ।
- ଏହା ଦ୍ୱାରା ରାଜ୍ୟରେ ୨.୫୪ ଲକ୍ଷ ସିକିମ୍ ସ୍ୱତ୍ୱାଧିକାରୀ ଚାଷୀଙ୍କୁ ସ୍ଥିତିବାନ ପଟ୍ଟା ପ୍ରଦାନ କରାଯିବ ।
- ସିକିମ୍ ଚାଷୀମାନେ ତାଙ୍କ ଦଖଲରେ ଥିବା ଜମି ଉପରେ ସ୍ଥାୟୀ, ବଂଶାନୁକ୍ରମିକ ଓ ହସ୍ତାନ୍ତର ଯୋଗ୍ୟ ଅଧିକାର ପାଇବେ ।

**ଆଇନ୍‌ର ହେଲା ସଂଶୋଧନ**
**ସିକିମ୍ ସ୍ୱତ୍ୱଧାରୀଙ୍କୁ ପଟ୍ଟା ବଣ୍ଟନ**

OIPR : 24001/13/0115/2324

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଚାଷୀ ଆନ୍ଦୋଳନ: ଦିନକୁ କ୍ଷତି ୫୦୦ କୋଟି

କୃଷକ ଆନ୍ଦୋଳନ ଯୋଗୁଁ ଉତ୍ତର ଭାରତର ଅର୍ଥନୀତି ଗଭୀର ଭାବେ ପ୍ରଭାବିତ ହେବ। ବାଣିଜ୍ୟ ଏବଂ ଶିଳ୍ପ କ୍ଷେତ୍ର ବାଧାପ୍ରାପ୍ତ ହେବା ସହିତ ନିଯୁକ୍ତି ଉପରେ ମଧ୍ୟ ଏହାର ବଡ଼ ପ୍ରଭାବ ପଡ଼ିବ। ଯଦି ଏହା ଦୀର୍ଘଦିନ ଲାଗିରହେ ତା'ହେଲେ ଉତ୍ତର ଭାରତୀୟ ରାଜ୍ୟଗୁଡ଼ିକର ଦୈନିକ ଅର୍ଥନୈତିକ କ୍ଷତି ୫୦୦ କୋଟି ଟଙ୍କା ହେବ। ଉତ୍ତର ଭାରତୀୟ ରାଜ୍ୟଗୁଡ଼ିକ ବା ମୁଖ୍ୟତଃ ପଞ୍ଜାବ, ହରିୟାଣା ଏବଂ ଦିଲ୍ଲୀର ମୋଟ ଘରୋଇ ଉତ୍ପାଦ (ଜିଏସ୍‌ଡିପି)କୁ ଏହା ବାଧା ପହଞ୍ଚାଇବ ବୋଲି ପିଏଚ୍‌ଡି ଚାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରିର ସଭାପତି ସଞ୍ଜୀବ ଅଗ୍ରୱାଲ କହିଛନ୍ତି। ତେଣୁ ଏହି ସମସ୍ୟାର ତୁରନ୍ତ ସମାଧାନ ଉଭୟ କୃଷକ ଓ ସରକାର କରନ୍ତୁ ବୋଲି ଉକ୍ତ ଶିଳ୍ପ ସଂଗ୍ରହ ଆଗ୍ରହ ପ୍ରକାଶ କରିଛି।

ଦେଶରେ ସମସ୍ତଙ୍କ ମଙ୍ଗଳକୁ ଦୃଷ୍ଟିରେ ରଖି ଏହା କରାଯାଉ ବୋଲି ସେ କହିଛନ୍ତି। କୃଷକ ଆନ୍ଦୋଳନ ଯୋଗୁ ପଞ୍ଜାବ, ହରିୟାଣା, ଦିଲ୍ଲୀ, ଉତ୍ତର ପ୍ରଦେଶ ଏବଂ ରାଜସ୍ଥାନର କିଛି ଅଂଶରେ ଥିବା ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ର ବ୍ୟବସାୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। କାରଣ ଏସବୁ କାରଖାନାଗୁଡ଼ିକ ଅନ୍ୟ ରାଜ୍ୟରୁ କଞ୍ଚାମାଲ ସଂଗ୍ରହ କରି ବିଭିନ୍ନ ସାମଗ୍ରୀ ନିର୍ମାଣ କରି ବିକ୍ରି କରିଥାନ୍ତି। ପଞ୍ଜାବ, ହରିୟାଣା ଏବଂ ଦିଲ୍ଲୀର ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ସର୍ବାଧିକ ପ୍ରଭାବିତ ହେବେ। ପଞ୍ଜାବ, ହରିୟାଣା ଏବଂ ଦିଲ୍ଲୀର ମୋଟ ଜିଏସଡିପି ୨୦୨୨-୨୩ରେ ୨୭ ଲକ୍ଷ କୋଟି ଟଙ୍କା ଆକଳନ କରାଯାଇଥିଲା। ଉପରୋକ୍ତ କ୍ଷେତ୍ରର କାରଖାନାରେ ପ୍ରାୟ ୭୦ ଲକ୍ଷ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଖାଦ୍ୟ ପ୍ରକ୍ରିୟାକରଣ, ବୟନଶିଳ୍ପ, ଅଟୋମୋବାଇଲ, କୃଷି ଯନ୍ତ୍ରାଂଶ, ସୂଚନା ପ୍ରଯୁକ୍ତି, ପର୍ଯ୍ୟଟନ, ଆତିଥେୟତା ଏବଂ ପରିବହନ ଶିଳ୍ପ ଗୁରୁତର ଭାବେ ଏହାଦ୍ୱାରା ବାଧାପ୍ରାପ୍ତ ହେବ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ହେ ଭଗବାନ**
ଗଢିବା ଭାଙ୍ଗିବା
ସବୁ ତୁମରି ଇଚ୍ଛା
ମିଛେ ଖାଲି ଭକ୍ତେ
କରୁଛୁ ପରୀକ୍ଷା
ହେ ଭଗବାନ
ଏହି କି ତୁମ୍ଭର ଲୀଳା ଦୁନିଆଁ
**ଭଗବାନ**

ଆମ୍ଭକୁ ବହୁ କଷ୍ଟ ଦେଲି
ନିଜ ଠାକୁର ନଚିହ୍ନିଲି (୧୦୦)
ଏପରି ମନଦୁଃଖ କରି
ଶୋଇଲି ବୃକ୍ଷ ଆଶ୍ରା କରି
(୧୦୧)
ଆମ୍ଭକୁ କଷ୍ଟ ହେଲା ଯେଣୁ
ଆମ୍ଭରୁ ବାଣୀ ହେଲା ତେଣୁ
(୧୦୨)
ଅନ୍ତର ବାହାରେ ଅନନ୍ତ
ମୁଁ ସବସ୍ତ ଭୂତରେ ଉଦିତ (୧୦୩)

ତୋ ହୃଦ କମଳେ ମୁଁ ଅଛି
ନାମ ଅନନ୍ତ ପ୍ରକାଶୁଛି (୧୦୪)
ଏ ନାମ ହୃଦେ ତୁହି ଧରି
ଘୋର ସଂସାରୁ ହୁଅ ପାରି
(୧୦୫)

ଜୀବ ଜଗତ ମଧ୍ୟେ ଥାଇ
ଅନନ୍ତ ନାମ ଅଭିବାଇ (୧୦୬)

ଜାଣଇ ନାହିଁ ଦୁଃଖ ସୁଖ
ଜାଣଇ ନାହିଁ ଯୋଗ ଭୋଗ
(୧୦୭)

ଜାଣଇ ନାହିଁ ମନ୍ତ୍ର ଯନ୍ତ୍ର
ଜାଣଇ ନାହିଁ ମୁହିଁ ତନ୍ତ୍ର (୧୦୮)

କେବଳ ନାମ ମୋ ଭରସା
ଅନନ୍ତ ଛଡା ନାହିଁ ଆଶା (୧୦୯)

ବୁଝୁ ନ ବୁଝୁ ଏ ଜଗତ
କେବଳ ସାକ୍ଷୀ ମୋ ଅନନ୍ତ
(୧୧୦)

ଏ ଭାବେ ଜୀବନ କାଟୁଛି
ଅଭି ନ ଜାଣେ ଆନ କିଛି
(୧୧୧)

ସେ ଦିନୁ ଭକ୍ତ ଆତଜାତ
ଯେଣୁ ଅଛନ୍ତି ଶ୍ରୀ ଅନନ୍ତ (୧୧୨)

ଭକତ ଭଗବାନ ଖେଳ
ଭାବରେ ଖାଲି ମୁହିଁ ଭୋଳ
(୧୧୩)

ଯେଉଁଠି ପ୍ରଭୁ ଶ୍ରୀ ଅନନ୍ତ
ମୁହିଁ ତ ସେଠାରେ ନିମିତ୍ତ
(୧୧୪)

ଭକତ ଭାବେ ଭାବଗ୍ରାହୀ
ଉଚିତ ଫଳ ଦେବେ ସେହି (୧୧୫)

ବିଚାର କଉସା ମୋର ପ୍ରଭୁ
ଭାବ ଅଭାବ ସେହି ସବୁ (୧୧୬)
ସବସ୍ତ ସମର୍ପିସ୍ତ ବସି ଅଛି
ନାମ କେବଳ ହୃଦେ ଅଛି(୧୧୭)

ଅନନ୍ତ ନାମ ସାକ୍ଷୀ ରଖି
ଭକତ ନାବ ବାହୁ ଅଛି (୧୧୮)
ମୁଁ ମୂଢ ଅଜ୍ଞାନୀ କୁନର
କରେ ନି ପ୍ରଭୁଙ୍କୁ ଜୁହାର (୧୧୯)

ଜାଣେନି ଦାସ ଭାବ ମୁହିଁ
ଜାଣିନି ଭଗବାନ କାହିଁ (୧୨୦)

ପ୍ରଚାର ପ୍ରସାର ଜାଣିନି
ଧୂପ ନୈବେଦ୍ୟ ମୁଁ ଜାଣିନି(୧୨୧)

ଅନ୍ତର ଆତ୍ମାରେ ଭଜୁଛି
କେବଳ ଭକ୍ତିରେ ଡାକୁଛି (୧୨୨)

ବିଶ୍ୱାସ ଫୁଲମାଳ ଧରି
ଡାକୁଛି ଆହେ ବଂଶଧାରୀ (୧୨୩)

ଶାନ୍ତିର ଜଳ ହସ୍ତେ ରଖି
ଦେଉଛି ଆହେ ନନ୍ଦବସ୍ତି (୧୨୪)

ଶ୍ରଦ୍ଧାର ଫଳ ତୋତେ ଦେଇ
ଭକ୍ତିରେ ନୈବେଦ୍ୟ କରଇ (୧୨୫)

ଆଉମୋ ପାଶେ କିଛି ନାହିଁ
ରଖିଲେ ରଖ ଭାବଗ୍ରହୀ (୧୨୬)

ଏଥିରେ ଯଦି ତୁ ଆନନ୍ଦ
ତୋ ଭକ୍ତ ରଖ ଆଦିକନ୍ଦ (୧୨୭)

(କ୍ରମଶଃ)

# "ଡେଭିଲ ଧୂମକେତୁ" ଆସୁଅଛି, ହେଲୀ କେବେ ? (୫)



ଡ. ଦେବାଶୀଷ ରାୟ
(ପରିବେଶ ବିଜ୍ଞାନୀ)
୪୬୪, ସହିଦ ନଗର
ଭୁବନେଶ୍ୱର-୭
ମୋ : ୭୦୦୮୩୧୯୭୭୪

**ଗତ** ଆଲେଖ୍ୟରେ ପାଠକଙ୍କ ଠାରୁ ଫୋନ ପାଇବା ପରେ ଏବଂ ସେମାନଙ୍କର କହିବା ଅନୁଯାୟୀ ନାସା ଦ୍ୱାରା ପ୍ରକାଶିତ ଧୂମକେତୁ ସମ୍ବନ୍ଧରେ କେତେକ ତଥ୍ୟ ଉପଯୁକ୍ତ ଚିତ୍ର ସହ ଉପସ୍ଥାପନା କରିଥିଲି। ସେଇ ଶୃଙ୍ଖଳାରେ ଇତିହାସ ପୃଷ୍ଠାରୁ କିଛି ତଥ୍ୟ ରଖିବା। ଇତିହାସକୁ ଭାଗ ଭାଗ କରି ପ୍ରତ୍ୟେକ ସମୟରେ ମନୁଷ୍ୟର ଧୂମକେତୁ ବିଷୟରେ କି ଚିନ୍ତାଧାରା ଥିଲା ସେ ବିଷୟରେ ସମ୍ୟକ ଧାରଣା ଦେବାକୁ ଚେଷ୍ଟା କରିବା। ପ୍ରଥମେ ଆରମ୍ଭ କରିବା ପୁରାତନ ଗ୍ରୀକ୍ ସଭ୍ୟତାରୁ ଉନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ। ଗ୍ରୀକ୍ ଦାର୍ଶନିକ ଆରିଷ୍ଟୋଟଲ୍ ଭାବିଥିଲେ ଯେ ଧୂମକେତୁ ଗୁଡିକ ପୃଥିବୀପୃଷ୍ଠର ଶୁଖିଲା ପ୍ରଶ୍ୱାସ ଅଟେ ଯାହା ବାୟୁମଣ୍ଡଳରେ ନିଆଁ ଲାଗିଯାଉଥିଲା ଓ ଅନ୍ୟ ଗ୍ରହ ଏବଂ ତାରାଗୁଡ଼ିକର ମଧ୍ୟ ନିଶ୍ୱାସ ପ୍ରଶ୍ୱାସରେ ଏହି ପରିଣତି ହୋଇଥାଏ। ଅବଶ୍ୟ, ରୋମ୍‌ର ଦାର୍ଶନିକ ସେନେକା ଭାବିଥିଲେ ଯେ ଧୂମକେତୁ ଗୁଡିକ ମଧ୍ୟ ଗ୍ରହ ପରି, କିନ୍ତୁ ବହୁତ ବଡ଼ କକ୍ଷପଥରେ ଥାନ୍ତି। ସେ ଲେଖିଛନ୍ତି: ଏପରି ଏକ ସମୟ ଆସିବ ଯେତେବେଳେ ଜଣେ କେହି ବ୍ୟକ୍ତି ଧୂମକେତୁ କେଉଁ ଅଞ୍ଚଳରେ ଗତି କରେ, ଅନ୍ୟ ତାରାମାନଙ୍କଠାରୁ କାହିଁକି ଏତେ ଭିନ୍ନ ହୁଏ, ସେମାନଙ୍କର ଆକାର ଏବଂ ପ୍ରକୃତି କ'ଣ ବୁଝାଇବ। ଆରିଷ୍ଟୋଟଲଙ୍କ ଧାରଣା ୧୫୭୭ ପର୍ଯ୍ୟନ୍ତ ରହିଲା, ଯେତେବେଳେ ଡେନମାର୍କର ଜ୍ୟୋତିର୍ବିଜ୍ଞାନୀ ଟାଇଚୋ ବ୍ରାହେ ଏକ ଉଜ୍ଜ୍ୱଳ ଧୂମକେତୁର ଦୂରତାକୁ ତ୍ରିକୋଣଭୂମି କରିବା ପାଇଁ ପାରାଲାକ୍ସ ବ୍ୟବହାର କରିବାକୁ ଚେଷ୍ଟା କଲେ । ଯେହେତୁ ସେ କୌଣସି ସମାନ୍ତରାଳ ମାପ କରିପାରିନଥିଲେ, ବ୍ରାହେ ସିଦ୍ଧାନ୍ତ ନେଇଥିଲେ ଯେ ଧୂମକେତୁ ଚନ୍ଦ୍ରଠାରୁ ଅତି କମରେ ଚାରି ଗୁଣ ଦୂରରେ ଅବସ୍ଥିତ।

ବ୍ରାହେଙ୍କର ଛାତ୍ର, ଜର୍ମାନ ଜ୍ୟୋତିର୍ବିଜ୍ଞାନ ଜୋହାନ୍ସ କେପଲର, ମଙ୍ଗଳ ଗ୍ରହର ଯତ୍ନଶୀଳ ନୀରିକ୍ଷଣକୁ ବ୍ୟବହାର କରି ଗ୍ରହ ଗତିର ତିନୋଟି ନିୟମ ପ୍ରସ୍ତୁତ କରିଥିଲେ କିନ୍ତୁ ଧୂମକେତୁର ଅତି ଅଦ୍ଭୁତ କକ୍ଷପଥରେ ତାଙ୍କ ସିଦ୍ଧାନ୍ତକୁ ଖାପ ଖୁଆଇବାରେ ଅସମର୍ଥ ହୋଇଥିଲେ। କେପଲର ବିଶ୍ୱାସ କରୁଥିଲେ ଯେ ଧୂମକେତୁ ସୌରପ୍ରଣାଳୀ ମାଧ୍ୟମରେ ସିଧା ଲାଇନରେ ଯାତ୍ରା କରିଥାଏ। ଏହାର ସମାଧାନ ଇଂରେଜ ବୈଜ୍ଞାନିକ ଆଇଜାକ୍ ନ୍ୟୁଟନ୍‌ଙ୍କ ଦ୍ୱାରା ଆସିଥିଲା, ଯିଏ ତାଙ୍କ ମାଧ୍ୟାକର୍ଷଣର ନୂତନ ନିୟମକୁ ୧୬୮୦ର ଧୂମକେତୁର ଅଣ୍ଡାକୃତି କକ୍ଷପଥ ଗଣିବା ପାଇଁ ବ୍ୟବହାର କରିଥିଲେ। ।

**ହେଲୀ ଧୂମକେତୁ, ୧୯୮୬** - ନ୍ୟୁଟନ୍ ଇଂରେଜ ଜ୍ୟୋତିର୍ବିଜ୍ଞାନୀ ଏଡମଣ୍ଡ ହେଲୀଙ୍କ ବନ୍ଧୁ ଥିଲେ, ଯିଏ ୨୪ ଟି ପର୍ଯ୍ୟବେକ୍ଷଣ ହୋଇଥିବା ଧୂମକେତୁର କକ୍ଷପଥ ନିର୍ଣ୍ଣୟ କରିବା ପାଇଁ ନ୍ୟୁଟନ୍‌ଙ୍କର ପଦ୍ଧତି ବ୍ୟବହାର କରିଥିଲେ, ଯାହା ସେ ୧୭୦୫ ମସିହାରେ ପ୍ରକାଶ କରିଥିଲେ। ସମସ୍ତ କକ୍ଷପଥ ପାରାବୋଲା ( ଶଙ୍କୁ ଆକାରକୁ ତା ପାର୍ଶ୍ୱ ସହ ସମାନ୍ତରାଳ ସମତଳ ଛେଦ କରୁଥିବା ବକ୍ର ରେଖା) ସହିତ ଖାପ ଖାଉଥିଲା। କାରଣ ସେହି ସମୟରେଦୀର୍ଘ ବୃତ୍ତାକାର କିମ୍ବା ଅତି ପର ବଳୟ (ହାଇପରବୋଲିକ୍) କକ୍ଷପଥ ପର୍ଯ୍ୟବେକ୍ଷଣର ଗୁଣ ନିର୍ଣ୍ଣୟ କରିବା ପାଇଁ ଯଥେଷ୍ଟ ଭଲ ସୁବିଧା ନଥିଲା। କିନ୍ତୁ ହେଲୀ ଉଲ୍ଲେଖ କରିଛନ୍ତି ଯେ ୧୫୩୧, ୧୬୦୭,ଏବଂ ୧୬୮୨ ର ଧୂମକେତୁର ଚମତ୍କାର ସମାନ କକ୍ଷପଥ ଥିଲା ଏବଂ ପ୍ରାୟ ୭୬ ବର୍ଷ ବ୍ୟବଧାନରେ ଦେଖା ଦେବାର ସମ୍ଭାବନା ଥିଲା । ସେ ପରାମର୍ଶ ଦେଇଛନ୍ତି ଯେ ଏହା ପ୍ରାୟ ୭୬ ବର୍ଷର କକ୍ଷପଥରେ ଆସୁଥିବା ପ୍ରକୃତରେ ଗୋଟିଏ ଧୂମକେତୁ ଅଟେ ଯାହା ନିୟମିତ ବ୍ୟବଧାନରେ ଫେରି ଆସୁଥିଲା। ହେଲୀ ଭବିଷ୍ୟବାଣୀ କରିଥିଲେ ଯେ ୧୭୫୮ରେ ପୁନର୍ବାର ଏହି ଧୂମକେତୁ ଫେରି ଆସିବ। ତାଙ୍କର ଭବିଷ୍ୟବାଣୀ ପୂରଣ ହେବା ପାଇଁ ସେ ବଞ୍ଚି ନାହାଁନ୍ତି, କିନ୍ତୁ ୧୭୫୮ ମସିହାରେ ଡିସେମ୍ବର ମାସରେ ବଡ ଦିନ ରେ ଏହି ଧୂମକେତୁ ପୁନର୍ବାର ଦେଖାଦେଇଥିଲା ଏବଂ ମାର୍ଚ୍ଚ ୧୩, ୧୭୫୯ ରେ ସୂର୍ଯ୍ୟଙ୍କ ନିକଟବର୍ତ୍ତୀ ହୋଇଥିଲା। ପର୍ଯ୍ୟାୟକ୍ରମେ ଧୂମକେତୁର ମାନ୍ୟତା ପାଇଲା ଏବଂ ହେଲୀଙ୍କ ସମ୍ମାନରେ ତାଙ୍କ ନାମ ଅନୁଯାୟୀ ନାମିତ ହେଲା।

ହେଲୀ ମଧ୍ୟ ଅନୁମାନ କରିଥିଲେ ଯେ ଧୂମକେତୁ ଗୁଡିକ ସୌର ପ୍ରଣାଳୀର ସଦସ୍ୟ କି ନୁହେଁ ତାହା ଅନୁଧ୍ୟାନ ଯୋଗ୍ୟ । ଯଦିଓ ସେ କେବଳ ପାରାବୋଲିକ୍ କକ୍ଷପଥ ଗଣନା କରିପାରିଥିଲେ, ସେ ପରାମର୍ଶ ଦେଇଛନ୍ତି ଯେ କକ୍ଷପଥଗୁଡ଼ିକ ପ୍ରକୃତରେ ବିଚିତ୍ର। ତାଙ୍କର ସ୍ୱ ବକ୍ତବ୍ୟ ଅନୁଯାୟୀ " ତେଣୁ ସେମାନଙ୍କର ସଂଖ୍ୟା ନିର୍ଣ୍ଣୟ ହୋଇପାରିବ ଏବଂ ବୋଧହୁଏ, ଏତେ ବଡ଼ ନୁହେଁ। ଏତଦ୍ ବ୍ୟତୀତ, ସୂର୍ଯ୍ୟ ଏବଂ ସ୍ଥାୟୀ ନକ୍ଷତ୍ର ମଧ୍ୟରେ ଥିବା ବ୍ୟବଧାନ ଏତେ ଅପାର ଯେ ଏହାର ଥରେ ଘୂର୍ଣ୍ଣନ ର ଅବଧି ପାଇଁ ଯଥେଷ୍ଟ ସମୟ ସୁବିଧା ଅଛି ।"

**ଏନ.କେଙ୍କ ଧୂମକେତୁ** - ଜର୍ମାନ ଜ୍ୟୋତିର୍ବିଜ୍ଞାନ ଜୋହାନ୍ ଏନ.କେ ହେଉଛନ୍ତି ଦ୍ୱିତୀୟ ବ୍ୟକ୍ତି ଯିଏ ଏକ ନିର୍ଦ୍ଦିଷ୍ଟ ଅନ୍ତରାଳରେ ଆସୁଥିବା ଅନ୍ୟ ଏକ ଧୂମକେତୁ ଚିହ୍ନିପାରିଥିଲେ । ସେ ସ୍ଥିର କଲେ ଯେ ୧୮୧୮ ମସିହାରେ ଫ୍ରାନ୍ସର ଜ୍ୟୋତିର୍ବିଜ୍ଞାନ ଜୀନ୍-ଲୁଇସ୍ ପନ୍ସଙ୍କ ଦ୍ୱାରା ଆବିଷ୍କୃତ ହୋଇଥିବା ଏକ ଧୂମକେତୁ ଅଣ୍ଡାକାର କକ୍ଷପଥ ଅନୁସରଣ କରୁନଥିଲା। ସେ ଜାଣିବାକୁ ପାଇଲେ ଯେ କକ୍ଷପଥ ପ୍ରକୃତରେ ଏକ ବନ୍ଦ ଦୀର୍ଘ ବୃତ୍ତକାର ଗତିପଥ (ଏଲିପ୍ସ) ଅଟେ । ଅଧିକନ୍ତୁ, ସେ ଦର୍ଶାଇଛନ୍ତି ଯେ ସୂର୍ଯ୍ୟଙ୍କ ଚତୁର୍ଦ୍ଦିଗରେ ଧୂମକେତୁ କକ୍ଷପଥ ମାତ୍ର ୩.୩ ବର୍ଷ ଥିଲା, ଯାହାକି ରେକର୍ଡରେ ଥିବା କୌଣସି ଧୂମକେତୁ ପାଇଁ କ୍ଷୁଦ୍ରତମ କକ୍ଷପଥ । ଏନକେ ଆହୁରି ମଧ୍ୟ ଦର୍ଶାଇଛନ୍ତି ଯେ ୧୭୮୬ ମସିହାରେ ଫ୍ରାନ୍ସର ଜ୍ୟୋତିର୍ବିଜ୍ଞାନୀ ପ୍ୟାରୀ ମେକେନ୍, ୧୭୯୫ ମସିହାରେ ବ୍ରିଟିଶ ଜ୍ୟୋତିର୍ବିଜ୍ଞାନୀ କାରୋଲିନ ହର୍ସେଲ ଏବଂ ୧୮୦୫ ମସିହାରେ ପନ୍ସଙ୍କ ଦ୍ୱାରା ସେହି ସମାନ ଧୂମକେତୁ ଦେଖାଯାଇଥିଲା। ଏନକେଙ୍କ ସମ୍ମାନରେ ଏହି ଧୂମକେତୁର ନାମକରଣ କରାଯାଇଥିଲା,ଯେହେତୁ ହେଲୀ ର କକ୍ଷପଥକୁ ବର୍ଣ୍ଣନା କରିଥିବା ଜ୍ୟୋତିର୍ବିଜ୍ଞାନୀଙ୍କ ନାମରେ କୋମେଟ ହେଲୀ ନାମିତ ହୋଇଥିଲା । ଜ୍ୟୋତିର୍ବିଜ୍ଞାନୀଙ୍କ ପାଇଁ ଏନକେଙ୍କ ଧୂମକେତୁ ଶୀଘ୍ର ଏକ ନୂତନ ସମସ୍ୟା ଉପସ୍ଥାପନ କଲା। କାରଣ ଏହା ବାରମ୍ବାର ଫେରି ଆସୁଥିଲା, ଏହାର କକ୍ଷପଥକୁ ନ୍ୟୁଟନ୍‌ଙ୍କ ମାଧ୍ୟାକର୍ଷଣ ନିୟମ ଉପରେ ଆଧାର କରି ପୂର୍ବାନୁମାନ କରାଯାଇପାରେ, ଗ୍ରହମାନଙ୍କ ଦ୍ୱାରା ମାଧ୍ୟାକର୍ଷଣ ବିଘ୍ନର ପ୍ରଭାବ ସହିତ । କିନ୍ତୁ ଏନକେଙ୍କ ଧୂମକେତୁ ବାରମ୍ବାର ପ୍ରାୟ ୨.୫ ଘଣ୍ଟା ଶୀଘ୍ର ପହଞ୍ଚିଲା । ଏହାର କକ୍ଷପଥ ଧୀରେ ଧୀରେ ସଙ୍କୁଚିତ ହେଉଥିଲା । ଏହି ସମସ୍ୟା ଆହୁରି ଜଟିଳ ହୋଇଗଲା ଯେତେବେଳେ ଏହା ଜଣାପଡିଲା ଯେ ଅନ୍ୟ ନିର୍ଦ୍ଦିଷ୍ଟ କାଳିକ ଧୂମକେତୁ ଗୁଡିକ ବହୁତ ବିଳମ୍ବରେ ପହଞ୍ଚିଥିଲେ । ସେଥିମଧ୍ୟରେ ଧୂମକେତୁ 6P / D'Arrest, 14P / Wolf 1, ଏବଂ 1P / Halley ଅନ୍ତର୍ଭୁକ୍ତ, ଯାହା ଶୁଦ୍ଧ ମାଧ୍ୟାକର୍ଷଣ କକ୍ଷପଥ ପୂର୍ବାନୁମାନ କରିବା ଠାରୁ ସାଧାରଣତଃ ପ୍ରାୟ ଚାରି ଦିନ ପରେ ଆସେ।

ଏହି ଘଟଣା କୁ ବ୍ୟାଖ୍ୟାକରିବାକୁ ଯାଇ ଅନେକ ପରାମର୍ଶ ଦିଆଯାଇଥିଲା। ଯେପରିକି: ଏକ ଅଦୃଶ୍ୟ ପ୍ରତିରୋଧକ ମାଧ୍ୟମ ଯାହା ଧୂମକେତୁର ଧୀରେ ଧୀରେ କକ୍ଷପଥର ଶକ୍ତି ହରାଇବାରେ ସାହାଯ୍ୟ କଲା । ଅବଶ୍ୟ, ସେହି ଧାରଣା ଦ୍ୱାରା ଧୂମକେତୁ ଗୁଡ଼ିକୁ ବ୍ୟାଖ୍ୟା କରିପାରିବ ନାହିଁ ଯାହାର କକ୍ଷପଥ ବଢୁଛି କି ସଂକୁଚିତ ହେଉଛି। ଜର୍ମାନ ଗଣିତଜ୍ଞ ତଥା ଜ୍ୟୋତିର୍ବିଜ୍ଞାନୀ ଫ୍ରିଡ୍ରିଚ୍ ବେସେଲ ପରାମର୍ଶ ଦେଇଛନ୍ତି ଯେ ପେରିହେଲିଅନ୍ ନିକଟ ଏକ ଧୂମକେତୁ ପଦାର୍ଥକୁ ବହିଷ୍କାର କରିବା ଏକ ରକେଟ୍ ମୋଟର ପରି କାର୍ଯ୍ୟ କରୁଛି ଏବଂ ପ୍ରତ୍ୟେକ ଥର ସୂର୍ଯ୍ୟଙ୍କ ନିକଟବର୍ତ୍ତୀ ହେବା ପରେ ଧୂମକେତୁ ଟିକିଏ ଛୋଟ (କିମ୍ବା ଅଧିକ) ଅବଧି କକ୍ଷପଥରେ ଗତି କରୁଛି । କକ୍ଷପଥର ଗଣନା କରିବା ପାଇଁ ପର୍ଯ୍ୟବେକ୍ଷଣର ଗୁଣ ଏବଂ ଗାଣିତିକ କୌଶଳ ଉନ୍ନତି ହେତୁ ଏହା ସ୍ପଷ୍ଟ ହୋଇଗଲା ଯେ ଅଧିକାଂଶ ଧୂମକେତୁ ର ଦୀର୍ଘ ବୃତ୍ତାକାର କକ୍ଷପଥରେ ଥିଲେ ଏବଂ ସୌର ପ୍ରଣାଳୀର ସଦସ୍ୟ ଥିଲେ । ଅନେକଙ୍କୁ ପର୍ଯ୍ୟାୟକ୍ରମେ ସ୍ୱୀକୃତି ଦିଆଗଲା । କିନ୍ତୁ ଦୀର୍ଘକାଳୀନ ଧୂମକେତୁର କକ୍ଷପଥ ବିଷୟରେ କିଛି ପରାମର୍ଶ ଦିଆଯାଇଥିଲା ଯେ ସେମାନେ ସାମାନ୍ୟ (ଅତି ପର ବଳୟ)ହାଇପରବୋଲିକ୍ ଅଟନ୍ତି। ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ସେହି ସମସ୍ୟାର ସମାଧାନ ହୋଇନଥିଲା।

ଏ ବିଷୟରେ ଅଧିକ ତଥ୍ୟ ଆର ଥରକୁ।

# ଅନ୍ୟ ପାଇଁ ବଞ୍ଚିବାର ସଂକଳ୍ପ ନେବା



ଆଶୁତୋଷ ନାୟକ
ଗୋପାଳପୁର,ବାଲେଶ୍ୱର
ଫୋନ-୭୦୨୦୬୧୧୩୦୦

ଜିତେନ୍ଦ୍ର ଆୱ୍ୱାଧ ଏନସିପି ଦଳର ନେତା ଏବେ ନିକଟରେ ଅତ୍ୟନ୍ତ ବିବାଦୀୟ ମନ୍ତବ୍ୟ ଦେଇଥିଲେ । ସେ ହିନ୍ଦୁଙ୍କ ଆରାଧ୍ୟ ଦେବତା ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଙ୍କୁ ଆମିଷ ଭକ୍ଷଣକାରୀ ବୋଲି ଦର୍ଶାଇଥିଲେ ଯାହାକି ଅଗଣିତ ହିନ୍ଦୁଙ୍କ ଭାବାବେଗ ଉପରେ କୁଠାରଘାତ କରିଛି । ସେହିପରି କଂଗ୍ରେସ ନେତା ଅଞ୍ଜନେୟ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କୁ ପ୍ରଭୁ ଶ୍ରୀରାମ ସହ ତୁଳନା କରିଛନ୍ତି ଏହା ଅତ୍ୟନ୍ତ ହୀନ ଏବଂ ଶସ୍ତା ରାଜନୀତି । ସମାଜବାଦୀ ଦଳର ନେତା ସ୍ୱାମୀ ପ୍ରସାଦ ମୌରିୟା ହିନ୍ଦୁ ଧର୍ମ ବିରୁଦ୍ଧରେ ଅତ୍ୟନ୍ତ ଆପତ୍ତିଜନକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି । ଏହିପରି ଅନେକ କ୍ଷମତାପିପାସୁ ରାଜନେତା ଭୋଟ ବ୍ୟାଙ୍କ ରାଜନୀତି ପାଇଁ ବିଭିନ୍ନ ଧର୍ମ ବିରୋଧୀ ମନ୍ତବ୍ୟ ଦେବାରେ ପଛଘୁଞ୍ଚା ଦେଉନାହାନ୍ତି । କିଛି ଦିନ ପୂର୍ବରୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ପୁଅ ଉଦୟନିଧି ଷ୍ଟାଲିନ ଏବଂ ଡିଏମକେର ଅନ୍ୟତମ ବରିଷ୍ଠ ନେତା ଏ.ରାଜା ହିନ୍ଦୁ ସନାତନ ଧର୍ମ ବିରୁଦ୍ଧରେ ଦେଇଥିବା ମନ୍ତବ୍ୟ ଅତ୍ୟନ୍ତ ଅଶୋଭନୀୟ ଏବଂ ଦୁର୍ଭାଗ୍ୟଜନକ । କିଛିଦିନ ପୂର୍ବରୁ ଉଦୟନିଧି ଷ୍ଟାଲିନ କଳାକାର ଓ ଲେଖକଙ୍କ ପକ୍ଷରୁ ଆୟୋଜିତ ସଭାରେ ହିନ୍ଦୁ ସନାତନ ଧର୍ମ ବିରୋଧ ରେ ଅଶାଳୀନ ମନ୍ତବ୍ୟ ଦେଇଥିଲେ । ସେ ସନାତନ ଧର୍ମକୁ ଡେଙ୍ଗୁ ମେଲେରିଆ ସହିତ ତୁଳନା କରିଥିଲେ । ଏବଂ ଏହାକୁ ସମ୍ପୂର୍ଣ୍ଣ ମୂଳଉତ୍ପାଟନ କରାଯିବା ଦରକାର ବୋଲି ବିବାଦୀୟ ମନ୍ତବ୍ୟ ଦେଇଥିଲେ । ଏତାଦୃଶ ଘୃଣା ଏବଂ ହିଂସା ଉଦ୍ରେକକାରୀ ମନ୍ତବ୍ୟ ପାଇଁ ଡିଏମକେ ନେତା ଉଦୟନିଧି ଷ୍ଟାଲିନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଦେଶର ୨୬୦ ଜଣ ପ୍ରମୁଖ ବ୍ୟକ୍ତିବିଶେଷ ସର୍ବୋଚ୍ଚ ନ୍ୟାୟଳୟର ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନିକଟକୁ ଚିଠି ଲେଖିଛନ୍ତି ।

**ଏ** ବିଶ୍ୱ ବ୍ରହ୍ମାଣ୍ଡରେ ମନୁଷ୍ୟ ସର୍ବଶ୍ରେଷ୍ଠ ପ୍ରାଣୀ । ଆମ ହିନ୍ଦୁ ଶାସ୍ତ୍ରରେ ଏହା ବର୍ଣ୍ଣିତ ଅଛିଯେ ମନୁଷ୍ୟ ଜୀବନ ଅତି ଦୁର୍ଲଭ କାରଣ ଏହା ବିଶ୍ୱାସ କରାଯାଏ ଅନେକ ତପସ୍ୟା ଏବଂ ପୁଣ୍ୟ ବଳରେ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ବିଶ୍ୱର ଅନେକ ପ୍ରସିଦ୍ଧ ବୈଜ୍ଞାନିକଙ୍କ ଆକଳନ ଅନୁଯାଇ ୧୮ ଲକ୍ଷ ପ୍ରଜାତିର ଜୀବଙ୍କ ମଧ୍ୟରୁ ମନୁଷ୍ୟ ସର୍ବଶେଷ୍ଠ, ସର୍ବଶକ୍ତିମାନ, ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ପ୍ରାଣୀ । ସେଥିପାଇଁ ଶ୍ରୀମଦଭାଗବତମଂ ୭/୬/୨ ରେ ଏହା ବର୍ଣ୍ଣିତ ଅଛି,

**'କୌମାର ଆଚରେତ ପ୍ରାଜ୍ଞ ଧର୍ମାନ ଭାଗବତାନିହ ।**
**ଦୁର୍ଲଭଂ ମାନୁଷଂ ଜନ୍ମ ତଦପ୍ୟ ଧ୍ରୁବମର୍ଥଦମ୍ ।'**

ପରମ ଶାସ୍ତ୍ର ଭାଗବତରେ ଏହା ବର୍ଣ୍ଣିତ ରହିଛି ୮୪ଲକ୍ଷ ଜନ୍ମ ପରେ ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ସେଥିପାଇଁ କୁହାଯାଇଛି ବାଲ୍ୟକାଳରୁ ମନୁଷ୍ୟକୁ ଈଶ୍ୱରଙ୍କ ଆଶ୍ରିତ ହେବା ଅତ୍ୟନ୍ତ ଆବଶ୍ୟକ କାରଣ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ କ୍ଷଣିକ ଏବଂ ପରମାର୍ଥ ପ୍ରଦାନ କରିବାରେ ସମର୍ଥ। ଏ ବିଶ୍ୱବ୍ରହ୍ମାଣ୍ଡରେ ଦେଖାଯାଉଥିବା ସମସ୍ତ ସୁନ୍ଦର ବସ୍ତୁ ବଡ଼ ବଡ଼ ଅଟ୍ଟାଳିକାଠାରୁ ଆରମ୍ଭ କରି ନଦୀ ପୁଷ୍କରିଣୀ ଅରଣ୍ୟ ସାଗର ପର୍ଯ୍ୟନ୍ତ ସବୁଦିନ ମାଟିରେ ମିଶିବ । ଯାହାର ସୃଷ୍ଟି ହୋଇଛି ତାହାର ଧ୍ୱଂସ ସୁନିଶ୍ଚିତ ସେ ସଜୀବ ହୁଅନ୍ତୁ କିମ୍ବା ନିର୍ଜୀବ। ଏହା ଚିରନ୍ତନ ସତ୍ୟ । ମନୁଷ୍ୟ ଜୀବନ ମଧ୍ୟ କ୍ଷଣସ୍ଥାୟୀ । ପାଣି ଫୋଟକା ପରି ମନୁଷ୍ୟର ଆୟୁଷ ମଧ୍ୟ ଅତି ସଂକ୍ଷିପ୍ତ ।

ଜନ୍ମ ଏବଂ ମୃତ୍ୟୁ ମନୁଷ୍ୟର ନିୟଂତ୍ରଣରେ ନଥାଏ ।ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସୃଷ୍ଟିକର୍ତ୍ତା ଜଗତର ନାଥ ଜଗନ୍ନାଥଙ୍କ ନିର୍ଦ୍ଦେଶ ବିନା କୌଣସି କାର୍ଯ୍ୟ ହୋଇନଥାଏ ।କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହିକି ଏକବିଂଶ ଶତାବ୍ଦୀର ଅହଙ୍କାରୀ ସ୍ୱାର୍ଥବାଦୀ ମନୁଷ୍ୟ କାମନା ବାସନା ଓ ମାୟାବନ୍ଧନରେ ଆବଦ୍ଧ ହୋଇ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ମୃତ୍ୟୁ କେତେବେଳେ କେଉଁ ରୂପରେ କାହା ମାଧ୍ୟମରେ ଆସିବ ତାହାକୁ କଳ୍ପନା କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ । ତାହା କେବଳ ସୃଷ୍ଟିକର୍ତ୍ତା ପରମବ୍ରହ୍ମ ଅନାଥର ନାଥ କାଳିଆ ସାଆନ୍ତଙ୍କୁ ଜଣା ।

ଜିତେନ୍ଦ୍ର ଆୱ୍ୱାଧ ଏନସିପି ଦଳର ନେତା ଏବେ ନିକଟରେ ଅତ୍ୟନ୍ତ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ସେ ହିନ୍ଦୁଙ୍କ ଆରାଧ୍ୟ ଦେବତା ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଙ୍କୁ ଆମିଷ ଭକ୍ଷଣକାରୀ ବୋଲି ଦର୍ଶାଇଥିଲେ ଯାହାକି ଅଗଣିତ ହିନ୍ଦୁଙ୍କ ଭାବାବେଗ ଉପରେ କୁଠାରଘାତ କରିଛି । ସେହିପରି କଂଗ୍ରେସ ନେତା ଅଞ୍ଜନେୟ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କୁ ପ୍ରଭୁ ଶ୍ରୀରାମ ସହ ତୁଳନା କରିଛନ୍ତି ଏହା ଅତ୍ୟନ୍ତ ହୀନ ଏବଂ ଶସ୍ତା ରାଜନୀତି । ସମାଜବାଦୀ ଦଳର ନେତା ସ୍ୱାମୀ ପ୍ରସାଦ ମୌରିୟା ହିନ୍ଦୁ ଧର୍ମ ବିରୁଦ୍ଧରେ ଅତ୍ୟନ୍ତ ଆପତ୍ତିଜନକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି । ଏହିପରି ଅନେକ କ୍ଷମତାପିପାସୁ ରାଜନେତା ଭୋଟ ବ୍ୟାଙ୍କ ରାଜନୀତି ପାଇଁ ବିଭିନ୍ନ ଧର୍ମ ବିରୋଧୀ ମନ୍ତବ୍ୟ ଦେବାରେ ପଛଘୁଞ୍ଚା ଦେଉନାହାନ୍ତି । କିଛି ଦିନ ପୂର୍ବରୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ପୁଅ ଉଦୟନିଧି ଷ୍ଟାଲିନ ଏବଂ ଡିଏମକେର ଅନ୍ୟତମ ବରିଷ୍ଠ ନେତା ଏ.ରାଜା ହିନ୍ଦୁ ସନାତନ ଧର୍ମ ବିରୁଦ୍ଧରେ ଦେଇଥିବା ମନ୍ତବ୍ୟ ଅତ୍ୟନ୍ତ ଅଶୋଭନୀୟ ଏବଂ ଦୁର୍ଭାଗ୍ୟଜନକ ।

କିଛିଦିନ ପୂର୍ବରୁ ଉଦୟନିଧି ଷ୍ଟାଲିନ କଳାକାର ଓ ଲେଖକଙ୍କ ପକ୍ଷରୁ ଆୟୋଜିତ ସଭାରେ ହିନ୍ଦୁ ସନାତନ ଧର୍ମ ବିରୋଧ ରେ ଅଶାଳୀନ ମନ୍ତବ୍ୟ ଦେଇଥିଲେ । ସେ ସନାତନ ଧର୍ମକୁ ଡେଙ୍ଗୁ ମେଲେରିଆ ସହିତ ତୁଳନା କରିଥିଲେ । ଏବଂ ଏହାକୁ ସମ୍ପୂର୍ଣ୍ଣ ମୂଳଉତ୍ପାଟନ କରାଯିବା ଦରକାର ବୋଲି ବିବାଦୀୟ ମନ୍ତବ୍ୟ ଦେଇଥିଲେ । ଏତାଦୃଶ ଘୃଣା ଏବଂ ହିଂସା ଉଦ୍ରେକକାରୀ ମନ୍ତବ୍ୟ ପାଇଁ ଡିଏମକେ ନେତା ଉଦୟନିଧି ଷ୍ଟାଲିନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଦେଶର ୨୬୦ ଜଣ ପ୍ରମୁଖ ବ୍ୟକ୍ତିବିଶେଷ ସର୍ବୋଚ୍ଚ ନ୍ୟାୟଳୟର ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନିକଟକୁ ଚିଠି ଲେଖିଛନ୍ତି । ଚିଠି ଲେଖିଥିବା ପ୍ରମୁଖ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଅଛନ୍ତି ଦିଲ୍ଲୀ ଉଚ୍ଚ ନ୍ୟାୟଳୟର ପୂର୍ବତନ ବିଚାରପତି ଏସ ଏନ ଧୀଙ୍ଗ୍ରା। ଚିଠିରେ ଉଲ୍ଲେଖ କରାଯାଇଛି ଯେ ଉଦୟନିଧି ଦେଇଥିବା ମନ୍ତବ୍ୟ ହିଂସା ଓ ଘୃଣା ସୃଷ୍ଟିକାରୀ । ସେଥିପାଇଁ ତାଙ୍କ ବିରୋଧ ରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ । ଏହାଛଡା ତାମିଲନାଡୁ ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ, ରାଜ୍ୟ ସରକାରଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ କରିବାକୁ ଦାବି କରାଯାଇଛି । ସେ ଚିଠିରେ ଆହୁରି ମଧ୍ୟ ଏହା ଉପସ୍ଥାପନ କରାଯାଇଛି କି ଭାରତ ଭଳି ଧର୍ମନିରପେକ୍ଷ ରାଷ୍ଟ୍ରରେ ଘୃଣା ଉଦ୍ରେକକାରୀ ମନ୍ତବ୍ୟ ସମ୍ବିଧାନର ଧର୍ମନିରପେକ୍ଷ ଧାରା ଉପରେ ହସ୍ତକ୍ଷେପ ସଦୃଶ ବୋଲି ଚିଠିରେ ଉପସ୍ଥାପନା କରାଯାଇଛି।

ଉଦୟନିଧିଙ୍କ ମନ୍ତବ୍ୟ ସହିତ ସମସ୍ୱରମିଳାଇ ଡି ଏମ୍ କେ ର ଅନ୍ୟତମ ବରିଷ୍ଠ ନେତା ଏ ରାଜା ସର୍ବପୁରାତନ ସନାତନ ଧର୍ମକୁ ସମାଜରେ ଘୃଣିତ ଏଚ୍ ଆଇ ଭି (ଏଡସ୍) ଓ କୁଷ୍ଠ ରୋଗ ସହିତ ତୁଳନା କରିଛନ୍ତି । ଚେନ୍ନାଇ ର ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ ଏ ରାଜା ସନାତନ ଧର୍ମକୁ ଏଚ୍ ଆଇ ଭି ଓ କୁଷ୍ଠ ରୋଗଭଳି ଘୃଣା କରାଯିବା ଦରକାର ବୋଲି ବିବାଦୀୟ ମନ୍ତବ୍ୟ ଦେଇଛନ୍ତି ।

ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ । ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରା ର ମହାନତା ର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା ।

କ୍ଷମତା ପିପାସୁ ରାଜନେତା ସଂଖ୍ୟାଲଘୁ ସଂପ୍ରଦାୟକୁ ଖୁସି କରାଇବା ଲକ୍ଷ୍ୟରେ ଦିଆଯାଉଥିବା ହିନ୍ଦୁ ସନାତନ ଧର୍ମ ବିରୋଧରେ ମନ୍ତବ୍ୟ ଅଗଣିତ ହିନ୍ଦୁଙ୍କ ଭାବାବେଗ ଉପରେ କୁଠାରଘାତ । ସଂଯମତା, ଶାଳୀନତା ଏବଂ ନୈତିକ ମୂଲ୍ୟବୋଧ ର ଅଭାବ ଥିବା ଏକବିଂଶ ଶତାବ୍ଦୀର ରାଜନେତା ଏହାକୁ ଭୁଲିଯାଇଛନ୍ତି ସର୍ବପୁରାତନ ସନାତନ ଧର୍ମର ଅପମାନ ଅର୍ଥ ଅନନ୍ତ କୋଟି ବ୍ରହ୍ମାଣ୍ଡନାୟକ ବଡଠାକୁର ଜଗତରନାଥ ଜଗନ୍ନାଥଙ୍କ ମର୍ଯ୍ୟାଦାହାନି । ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ଅହିଂସା ।

ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ଯେ ନିଜକୁ ସର୍ବଶେଷ୍ଠ ସର୍ବଶକ୍ତିମାନ ମନେକରୁଥିବା ଏକବିଂଶ ଶତାବ୍ଦୀର ମନୁଷ୍ୟ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତ୍ତିର ଅଧିକାରୀ ହୋଇମଧ୍ୟ ଅନେକ ବ୍ୟକ୍ତି ଅଶାନ୍ତିରେ କାଳାତିପାତ କରୁଛନ୍ତି। ସବୁକିଛି ସୁଖ ସ୍ୱାଚ୍ଛନ୍ଦ୍ୟ, ଦାମୀ ଗାଡି, ସୁରମ୍ୟ ଅଟ୍ଟାଳିକା, ସୁନା, ରୁପା, ହୀରା ଅଳଙ୍କାର ଥିଲେ ମଧ୍ୟ ମାନସିକ ଅବସାଦ ଏବଂ ଅତ୍ୟଧିକ ଚାପଗ୍ରସ୍ତ ହୋଇ ସୁଶାନ୍ତ ସିଂ ରାଜପୁତଙ୍କ ଠାରୁ ଆରମ୍ଭ କରି ଅନେକ ହିନ୍ଦୀ, ତେଲୁଗୁ, କନ୍ନଡ଼ ସିନେମା ଅଭିନେତା, ଉଚ୍ଚପ୍ରଦସ୍ତ ଅଧିକାରୀ, ପୋଲିସ ଅଫିସର, ଆଇଏସ ଅଫିସର ଆତ୍ମହତ୍ୟାର ରାସ୍ତା ବାଛିନେଉଛନ୍ତି । ଏହାର ଅନେକ ଦୃଷ୍ଟାନ୍ତ ରହିଛି ।

ନିଶାଦ୍ରବ୍ୟ ସେବନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ଜାଣି ମଧ୍ୟ ମନୁଷ୍ୟ ନିଶାଦ୍ରବ୍ୟ ସେବନ କରୁଛି। ମଦ୍ୟପାନ ଠାରୁ ଆରମ୍ଭ କରି ପାନ,ଗୁଟକା , ସିଗାରେଟ୍, ହିରୋଇନ,ଡ୍ରଗସ ସେବନ କରି ନିଜ ଜୀବନକୁ ରସାତଳଗାମୀ କରିଦେଉଛି ଏବଂ ତା ସହିତ ତାର ହସ ଖୁସି ପରିବାରକୁ ନଷ୍ଟ କରିଦେଉଛି । ସେଥିପାଇଁ ପରମଶାସ୍ତ୍ର ଭାଗବତ ରେ କୁହାଯାଇଛି,

**'ଆପଣା ହସ୍ତେ ଜିହ୍ୱା ଛେଦି**
**କେ ଅଛି ତାର ପ୍ରତିବାଦୀ'**

ଏହାର ଅର୍ଥ ମନୁଷ୍ୟ ନିଜେ ନିଜକୁ ଧ୍ୱଂସ କରୁଛି । ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା ଅତ୍ୟନ୍ତ ମାରାତ୍ମକ ବ୍ୟାଧି ଯେପରି କ୍ୟାନସର,ଶ୍ୱାସ ରୋଗ, ହୃଦରୋଗ, କିଡ୍‌ନୀ ଜନିତ ଗମ୍ଭୀର ରୋଗ ଏହିପରି ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ମନୁଷ୍ୟ ଠାରେ ପରିଲକ୍ଷିତ ହେଉଛି। ଏବେ ନିକଟରେ ଓଡ଼ିଆ ସିନେଜଗତରେ ଜଣେ ଆଗଧାଡିର ଅଭିନେତା ସାତ୍ୟକି ମିଶ୍ର ସମଗ୍ର ଓଡିଶା ବାସୀଙ୍କୁ ନିଜର ଭିଡିଓ ସନ୍ଦେଶ ମାଧ୍ୟମରେ ନିଶାଦ୍ରବ୍ୟ ସେବନ ନକରିବା ପାଇଁ ସମସ୍ତଙ୍କୁ ନିବେଦନ କରିଛନ୍ତି । ସେ ନିଜେ ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା କିପରି ଏକ ବର୍ଷ ଧରି ଜୀବନ ମୃତ୍ୟୁ ସହିତ ସଂଗ୍ରାମ କରି କଷ୍ଟ ପାଇଛନ୍ତି ତାହା ଉପସ୍ଥାପନା କରିଛନ୍ତି ।ଆମ ସମାଜରେ ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଅର୍ଥ ଏବଂ ଧନସମ୍ପତ୍ତିକୁ ନିଜର ସର୍ବସ୍ୱ ମନେକରନ୍ତି । ସ୍ନେହ, ପ୍ରେମ, ଆନ୍ତରିକତା, ମାନବିକତା, ଦୟା, କ୍ଷମା, ଆଦର୍ଶତା, ନିଷ୍ଠା, ନୈତିକ ମୂଲ୍ୟବୋଧ, ନିସ୍ୱାର୍ଥପରତା, ତ୍ୟାଗ ସେମାନଙ୍କ ପାଇଁ ମୂଲ୍ୟହୀନ । ନିଜର ଏବଂ ନିଜ ପରିବାର ବ୍ୟତୀତ ଅନ୍ୟ କଥା ଭାବିବା ପାଇଁ ତାଙ୍କ ପାଖରେ ସମୟ ନଥାଏ। ସେମାନେ ସଦାସର୍ବଦା ନିଜର ସ୍ୱାର୍ଥ ପାଇଁ ଅନ୍ୟମାନଙ୍କ ସହିତ ବନ୍ଧୁତା ସ୍ଥାପନ କରିଥାନ୍ତି। ଆପେ ବଞ୍ଚିଲେ ବାପର ନାଁ ନୀତିରେ ସେମାନେ ସଦାସର୍ବଦା କାର୍ଯ୍ୟ କରନ୍ତି ।

ଏକବିଂଶ ଶତାବ୍ଦୀର ସ୍ୱାର୍ଥବାଦୀ ମନୁଷ୍ୟ ଅହଂକାରରେ ବଶବର୍ତ୍ତୀ ହୋଇ ଅର୍ଥ ଏବଂ ପ୍ରାଚୁର୍ଯ୍ୟ ବଳରେ ଅନ୍ଧ ହୋଇ ନିଜକୁ ସର୍ବଶ୍ରେଷ୍ଠ, ସର୍ବଶକ୍ତିମାନ ମନେକରୁଛି । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି କଳିଯୁଗ ମନୁଷ୍ୟର ଔଦ୍ଧତ୍ୟ ଏବେ ଚରମସୀମାରେ । ଈଶ୍ୱରଙ୍କ ସୁନ୍ଦର ସୃଷ୍ଟି ପ୍ରକୃତିକୁ ଧ୍ୱଂସ କରିବାରେ ସେ ବ୍ୟଗ୍ର ।ଅନେକ ଜଙ୍ଗଲ, ଗଛଲତାକୁ ମନୁଷ୍ୟ ନିଜର ସ୍ୱାର୍ଥ ପାଇଁ ଧ୍ୱଂସ କରିଦେଉଛି । ଏହାଛଡା ନିରୀହ ପଶୁ,ପକ୍ଷୀଙ୍କ ଉପରେ ସ୍ୱାର୍ଥବାଦୀ ମନୁଷ୍ୟ ନିଷ୍ଠୁରତା, ବର୍ବରତା ଆଚରଣ କରୁଛି । କେତେବେଳେ ସେମାନଙ୍କ ଉପରେ ଏସିଡ, ଗରମ ପାଣି ପକାଇଦଉଚି, ସେମାନଙ୍କ ଖାଉ ଥିବା ଖାଦ୍ୟରେ ବିଷ ମିଶାଇଦଉଚି ତ ଆଉ କେତେବେଳେ ସେମାନଙ୍କୁ ହତ୍ୟା କରି ସେମାନଙ୍କ ମାଂସ ଭକ୍ଷଣ କରୁଛି । ଝିଟିପିଟି ଯେପରି ରାତିସାରା ଅନେକ ପୋକ ଝିଣ୍ଟିକା ଖାଇ ପ୍ରାତଃ ସମୟରେ ମହାପୁରୁଷଙ୍କ ଫୋଟ ପଛପଟେ ଲୁଚି ଯାଏ ଏକ ବିଂଶ ଶତାବ୍ଦୀ ମନୁଷ୍ୟର ଚରିତ୍ର ଠିକ୍ ସେହିପରି।

୧୪୦ଖଣ୍ଡ କାରରେ ବସି ବୁଲୁଥିବା ଏବଂ ୧୦୦୦୦କୋଟିରୁ ଅଧିକ ସମ୍ପତ୍ତିର ଅଧିକାରୀ ଥିବା ଆମ ଓଡିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ବହୁ ଚେଷ୍ଟା କରି ମଧ୍ୟ ନିଜ ଜୀବନ ବଞ୍ଚାଇପାରିନଥିଲେ । ଯଦି ପୁଳାପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ବଳରେ ସବୁକିଛି ହୋଇପାରୁଥାନ୍ତା ତାହେଲେ ସବୁ ନେତା, ମନ୍ତ୍ରୀ, ଅଫିସର ଅମର ହୋଇଯାଇଥାନ୍ତେ । ସେଥିପାଇଁ ଆମ ଶାସ୍ତ୍ରରେ କୁହାଯାଇଛି।

**'ଦଇବ ଦଉଡି ମଣିଷ ଗାଈ**
**ଯେଣିକି ଟାଣଇ ତେଣିକି ଯାଇ'।**

ଆସନ୍ତୁ ଭବିଷ୍ୟତକୁ ସ୍ୱାଗତ କରିବା ସହିତ ସଂକଳ୍ପ ନେବା ଆମ ରାଷ୍ଟ୍ର ତଥା ବିଶ୍ୱର କଲ୍ୟାଣ ପାଇଁ ଈଶ୍ୱରଙ୍କ ପାଖରେ ହାତଯୋଡି ପ୍ରାର୍ଥନା କରିବା ଏବଂ ଅନ୍ୟ ପାଇଁ ବଞ୍ଚିବାର କଳା ଶିଖିବା, ନିଜ ମନ ଭିତରେ ଥିବା ଅହଂଭାବ ଓ ଆତ୍ମବଡିମା ପରିତ୍ୟାଗ କରିବା।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy**
**E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**

30 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୨୦ ଫେବୃୟାରୀ ୨୦୨୪ ମଙ୍ଗଳବାର



# ଓଏମ୍‌ସି ପକ୍ଷରୁ ଖଣି ପାରିପାର୍ଶ୍ୱିକ ଅଞ୍ଚଳ ବିକାଶକୁ ଗୁରୁତ୍ୱ

**ଯୋଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ବଡ଼ବିଲ ସ୍ଥିତ ଓଡ଼ିଶା ଖଣି ନିଗମ ପକ୍ଷରୁ ଖଣି ପାରିପାର୍ଶ୍ୱିକ ଗ୍ରାମ ଗୁଡିକରେ ଶିକ୍ଷାର ବିକାଶ ନିମନ୍ତେ ବିଭିନ୍ନ ସ୍କୁଲ୍ କଲେଜ ଯାଉଥିବା ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ସ୍କୁଲ୍ ବସ୍ ସେବା ପ୍ରଚଳନ କରିଥିବା ଜଣାପଡିଛି । ଓଡ଼ିଶା ଖଣି ନିଗମ ଅଧିନରେ ପରିଚାଳିତ ହେଉଥିବା ଗୁଆଲି, ଜିଲିଂ, ଦୁବୁନା, ଖଣ୍ଡବନ୍ଧ, ଡିରିଂପାହାଡ଼, ରୋଇଡା-ସି, ଏସବିବି କେ ଓ ଖଣ୍ଡବନ୍ଧ ଲୁହାପଥର ଖଣି ଏବଂ ତାର ପାରିପାର୍ଶ୍ୱିକ ଅଞ୍ଚଳ ଗୁଡିକ ପାହାଡ଼ି, ପାର୍ବତ୍ୟ ଓ ଦୁର୍ଗମ୍ୟ ଅଞ୍ଚଳ ହୋଇଥିବାରୁ ଓ ସାଧାରଣ ଯାତାୟାତର ସୁବିଧା ନଥିବାରୁ ସମ୍ପୃକ୍ତ ଅଞ୍ଚଳ ମାନଙ୍କରୁ ସହରର ମୁଖ୍ୟାଳୟ ଭାବେ ଯୋଡ଼ା, ବଡବିଲ, ବାମେବାରୀରେ ଥିବା ସ୍କୁଲ ଓ କଲେଜ ଗୁଡିକୁ ଅଧ୍ୟୟନ ନିମନ୍ତେ ଆସୁଥିବା ଛାତ୍ରଛାତ୍ରୀ ମାନେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ବେଳେ ବେଳେ ସେମାନେ ଠିକ୍ ସମୟରେ ସ୍କୁଲ ପହଞ୍ଚି ନପାରିବାରୁ ଶିକ୍ଷା ଗ୍ରହଣରେ ବ୍ୟାଘାତ ସୃଷ୍ଟି ହେବା ଦେଖାଯାଇଛି । ବାରମ୍ବାର ଏ ପରିସ୍ଥିତି ଉପୁଜିବାରୁ ଅଧିକାଂଶ ପିଲା ଅଧ୍ୟୟନ ପ୍ରତି ବିମୁଖ ହୋଇ ସେମାନଙ୍କ ବହି ବସ୍ତାନୀରେ ସବୁଦିନ ପାଇଁ ଡୋରୀ ବନ୍ଧା ହୋଇଯାଇଥିବା କୁହାଯାଇଛି । ଏ ସମସ୍ତ ସମସ୍ୟାକୁ ଦୃଷ୍ଟିରେ ରଖି ଓଏମସି, ବଡ଼ବିଲ ଆଞ୍ଚଳିକ କାର୍ଯ୍ୟାଳୟ ତରଫରୁ ୧୫ଟି ୩୨ ସିଟ୍ ବିଶିଷ୍ଟ ସ୍କୁଲ ବସ୍ ଛାତ୍ରଛାତ୍ରୀ ମାନଙ୍କୁ ଯୋଗାଇ ଦେବା ଫଳରେ ପିଲାମାନେ ସହଜରେ ଓ ନିୟମିତ ବିଦ୍ୟାଳୟକୁ ଆସିପାରୁଥିବା ଜଣାପଡିଛି । ଯୋଡା ମହିଳା




ମହାବିଦ୍ୟାଳୟର ଅଧକ୍ଷା ଡ. ମୃଦୁଳା ମହାନ୍ତି କହନ୍ତି ୧୯୮୭ ମସିହାରେ ଯୋଡା ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିବା ବେଳେ ବିଭିନ୍ନ ଅଞ୍ଚଳରୁ ଶତାଧିକ ଛାତ୍ରୀ ଅଧ୍ୟୟନ କରିବା ପାଇଁ ଏହି ମହାବିଦ୍ୟାଳୟକୁ ଆସିଥାନ୍ତି । ପୂର୍ବେ ଯାତାୟାତ ପାଇଁ କୌଣସି ବିଶେଷ ସୁବିଧା ନଥିଲା । ପିଲାମାନେ ଘରୋଇ ବସ୍ ଯୋଗେ ଆସି ବସ୍‌ଷ୍ଟାଣ୍ଡରେ ଓହ୍ଲାଇ କଲେଜ ଆସୁଥିଲେ । ଅଧିକାଂଶ ସମୟରେ ଠିକ୍ ସମୟରେ ପହଞ୍ଚି ନପାରିବାରୁ ଶିକ୍ଷାଲାଭରେ ଅନେକ ବ୍ୟାଘାତ ସୃଷ୍ଟି ହେଉଥିଲା । ଅଭିଭାବକ ମାନେ ନିଜ ନିଜ ପିଲାମାନଙ୍କ ସୁରକ୍ଷା ପ୍ରତି ମଧ ଖୁବ୍ ଚିନ୍ତିତ ରହୁଥିଲେ । ବର୍ତ୍ତମାନ ତାହା ଆଉ ନାହିଁ, ଓଏମସି ଏବେ ବସ୍ ସେବା ଯୋଗାଇ ଦେଇଥିବାରୁ ପିଲାମାନଙ୍କ ପାଇଁ ଯାତାୟାତ ସୁଗମ ହୋଇପାରିଛି । ଏହା ସେମାନଙ୍କ ଅଧ୍ୟୟନରେ ନିଶ୍ଚିତ ଭାବେ ଭଲ ପ୍ରତିଫଳିତ ହେବ ବୋଲି ବିଶ୍ୱାସ ରଖିବା ସହିତ ଓଏମସି କର୍ତ୍ତୃପକ୍ଷଙ୍କୁ ଉଚ୍ଚ ପ୍ରଶଂସା କରିଥିବା ଜଣାପଡିଛି । ବାଂଶପାଣି ଗ୍ରାମର ଛାତ୍ରୀ ମେଘା ଗୋପ କୁହନ୍ତି ଏହି ବସ୍ ସେବା ଯୋଗୁ ଆମ ଗ୍ରାମର ଅନେକ ଝିଅ ଉଚ୍ଚଶିକ୍ଷା ଗ୍ରହଣ କରିବାକୁ ଆଗ୍ରହୀ ହେଉଛନ୍ତି ଏବଂ ଆମର ପାଠ ପଢ଼ାରେ ଉନ୍ନତି ଘଟିଛି । ଆମର ଆତ୍ମ ବିଶ୍ୱାସ ବୃଦ୍ଧି ପାଇଛି । ଏ ଅଞ୍ଚଳର ପ୍ରକୃତ ସମସ୍ୟାକୁ ଅଧ୍ୟୟନ କରି ଓଡ଼ିଶା ଖଣି ନିଗମ ନିଜର ସିଏସଆର କାର୍ଯ୍ୟକ୍ରମ ମାଧ୍ୟମରେ ଖଣି ପାର୍ଶ୍ୱବର୍ତ୍ତୀ ଲୋକଙ୍କ ଜୀବନରେ ଗୁଣାତ୍ମକ ପରିବର୍ତ୍ତନ ଆଣିବା ପାଇଁ ସର୍ବଦା ଚେଷ୍ଟା କରୁଛି ବୋଲି ବୁଦ୍ଧିଜୀବୀ ମାନେ ମତ ଦେଇଛନ୍ତି ।

## ୩ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

# ମୁଖ୍ୟମନ୍ତ୍ରୀଙ୍କ ବିକାଶର ଗାଥା ଉପସ୍ଥାପନ କଲେ ବିଧାୟକ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକର ବରାଦୋ, ଫଗୋଲ ଓ ଜୟରାମପୁର ୩ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡିଶା ପଞ୍ଚାତୟତ ସ୍ତରୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ରାଜ୍ୟ ସରକାରଙ୍କର ଯୋଜନା ଓ ମୁଖ୍ୟମନ୍ତ୍ରୀଙ୍କ ବିକାଶର ଗାଥା ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ରୋଜି ସେଠୀ. ଉପାଧ୍ୟକ୍ଷ ଅଶୋକ ଓଝା, ରମାକାନ୍ତ ମହାନ୍ତି, ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କାପ, ବିଡିଓ ଧର୍ମରଞ୍ଜନ ପଣ୍ଡା, ସିଡିପିଓ ସତ୍ୟଭାମା ବିଶୋଇ, ମିଶନ ଶକ୍ତି ମହାସଂଘର ସଭାପତି କନକଲତା ଭୂୟାଁ ପ୍ରମୁଖ ଯୋଗଦେଇ ସରକାରୀ ଯୋଜନାରୁ କିପରି ସୁଫଳ ପାଇପାରିବେ ସେନେଇ ସାଧାରଣ ଲୋକଙ୍କୁ ଅବଗତ କରାଇଥିଲେ । ବରାଦ ପଞ୍ଚାୟତରେ ପୂର୍ବତନ ସରପଞ୍ଚ ନୃସିଂହ ବିଶ୍ୱାଳ ସଭାପତିତ୍ୱ କରିଥିଲେ । ଅତିଥି ଭାବେ ମଧୁସୂଦନ ସେଠୀ, ସମିତି ସଭ୍ୟ ଶୁଭଶ୍ରୀ ସାହୁ, ପ୍ରଦିପ୍ତ ରାଉତ, ରତ୍ନାକର ବିଶ୍ୱାଳ, ବିଶ୍ୱରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ । ସେହିଭଳି ଭାବେ ଫଗୋଲ ପଞ୍ଚାୟତରେ ସରପଞ୍ଚ ବୈଷ୍ଣବ ଚରଣ ସାମଲ, ସମିତି ସଭ୍ୟ ନୃସିଂହ ଚରଣ ମିଶ୍ର, ହିମାଂଶୁ ଶେଖର ପୃଷ୍ଟି, ରଞ୍ଜନ କୁମାର ସାମଲ, ସେକ୍ ଅବଦୁଲ ନିଶାଲ, ସୁରେନ୍ଦ୍ରନାଥ ନିହାଣ ପ୍ରମୁଖ କାର୍ଯ୍ୟକ୍ରମକୁ ପରଚାଳନା କରିଥିଲେ । ଜୟରାମପୁର ପଞ୍ଚାୟତରେ ପୂର୍ବତନ ସରପଞ୍ଚ ଉପେନ୍ଦ୍ର ନାୟକଙ୍କ ତତ୍ୱାବଧାନରେ ସମିତି ସଭ୍ୟ ଲକ୍ଷ୍ମୀପ୍ରିୟା ଦାସ, ଚକ୍ରଧର ଦାସ, ଆବୁତାଲିବ, ସେକ୍ ସମସର, ସେକ୍ ଜାହିରଙ୍କ ସମେତ ବହୁ ଲୋକପ୍ରତିନିଧି ଯୋଗଦେଇ ଲୋକଙ୍କୁ ସରକାରୀ ଯୋଜନାକୁ କିପରି ଉପକୃତ ହୋଇପାରିବେ ସେନେଇ ଅବଗତ କରାଇପାରିବେ । ଏହି ଅବସରରେ ନୂତନ ଭତ୍ତା, ରାସନକାର୍ଡ ହିତାଧିକାରୀଙ୍କୁ ବ୍ୟାଗ ଓ ୧ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା । ମିଶନଶକ୍ତି ଓ ଆଇସିଡିଏସ ପକ୍ଷରୁ ବିଭିନ୍ନ ପ୍ରଦର୍ଶନୀ କରାଯାଇଥିଲା । ଆଶା ଅଙ୍ଗନୱାଡ଼ି, ଶିକ୍ଷାବିତ, ବୁଦ୍ଧିଜୀବୀ, ପ୍ରଶାସନିକ ଅଧିକାରୀ ଓ ଲୋକପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସଚେତନତାମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଟାଟା କମ୍ପାନୀର ନିଯୁକ୍ତି କ୍ଷେତ୍ରରେ ବ୍ୟାପକ ଅନିୟମିତତା ଅଭିଯୋଗ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକାର ପ୍ରାୟ ସମସ୍ତ ନିର୍ବାଚିତ କାଉନସିଲର ମାନେ ଟାଟା କମ୍ପାନୀର ନିଯୁକ୍ତି କ୍ଷେତ୍ରରେ ମନୋମୁଖୀ କାର୍ଯ୍ୟ ଏବଂ ପ୍ରତିଶ୍ରୁତି ପାଳନରେ ବିଫଳତା ପ୍ରତିବାଦରେରେ ଶାନ୍ତିପୂର୍ଣ୍ଣ ଭାବେ ଦୁଇ ଦିନରୁ ଧାରଣାରେ ବସିଛନ୍ତି । ସୂଚନାଯୋଗ୍ୟ ଯେ ଗତ ବର୍ଷ ସେପ୍ଟେମ୍ବର ମାସରେ ଯୋଡ଼ା ପୌରପାଳିକା ଅଞ୍ଚଳରେ ନୂତନ ଖଣି ଖନନ ନିମନ୍ତେ ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରି ଅଣ ଜଙ୍ଗଲ ଜମି କରିବା ନିମନ୍ତେ ୧୦ଟି ୱାର୍ଡରେ ସ୍ୱତନ୍ତ୍ର ୱାର୍ଡ ସଭା ହୋଇଥିଲା ଏବଂ ଟାଟା କମ୍ପାନୀ ଯୋଡ଼ା ଅଞ୍ଚଳର ନୂତନ ଖଣି ସୃଷ୍ଟି ହେଲେ ନିଯୁକ୍ତି କ୍ଷେତ୍ରରେ ଯୋଡ଼ା ବାସୀଙ୍କୁ ପ୍ରାଥମିକତା ଦିଆଯିବ ବୋଲି କମ୍ପାନୀ ପ୍ରତିଶ୍ରୁତି ଦେଇଥିଲା । ଏ ନେଇ ଗତ ନଭେମ୍ବର ମାସରେ କମ୍ପାନୀ ତରଫରୁ ନିଯୁକ୍ତି ପାଇଁ ବିଜ୍ଞାପନ ମଧ ପ୍ରକାଶ ପାଇଥିଲା କିନ୍ତୁ ଗତ ୭ ତାରିଖରେ ପରୀକ୍ଷାରେ ବହୁ ଯୋଗ୍ୟ ପିଲା ଉତ୍ତୀର୍ଣ୍ଣ ହୋଇନଥିବାରୁ କାଉନସିଲର ମାନେ ଟାଟା କମ୍ପାନୀକୁ ଯୋଡ଼ା ଅଞ୍ଚଳରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ପିଲାଙ୍କ ତଥ୍ୟ ଟାଟା କମ୍ପାନୀ ଯୋଡ଼ା ଚିଫ୍ ରାଜେଶ କୁମାରଙ୍କୁ ମାଗିଥିଲେ । କିନ୍ତୁ କମ୍ପାନୀ ତରଫରୁ ଏହି ପ୍ରସଙ୍ଗକୁ ଅଣଦେଖା କରିବାରୁ ଜନପ୍ରିନିଧି ମାନେ ଧାରଣାରେ ବସିଛନ୍ତି । ୱାର୍ଡ ମେମ୍ବରଙ୍କ ପ୍ରତିକ୍ରିୟା ଅନୁଯାୟୀ ଏହି ଚୟନ ପ୍ରକ୍ରିୟାରେ କିଛି କୁଜିନେତା ମାନେ ଟଙ୍କା କାରବାର କରି ନିଯୁକ୍ତି ପ୍ରକ୍ରିୟାରେ ବାହାର ରାଜ୍ୟର ପିଲାଙ୍କୁ ଚୟନ କରିବା ପାଇଁ ହେରଫେର କରିଛନ୍ତି ବୋଲି ଅଭିଯୋଗ ଆଣିଛନ୍ତି । ଏନେଇ ପୂର୍ବତନ ନଗରପାଳ ଆର.କେ. ଦାସ ମଧ କାଉନସିଲର ମାନେ କମ୍ପାନୀ ବିରୋଧରେ ଏହିପରି ଧାରଣାରେ ବସିବା ଏକ ଦୁର୍ଭାଗ୍ୟ ଜନକ ଘଟଣା ବୋଲି ତୀବ୍ର ନିନ୍ଦା କରିବା ସହ ଟାଟା କମ୍ପାନୀ ଏହି ସମସ୍ୟାର ତୁରନ୍ତ ସମାଧାନ ଦିଗରେ ଉଚିତ୍ ପଦକ୍ଷେପ ନେବା ଉଚିତ୍ ବୋଲି ପ୍ରତିକ୍ରିୟା ଦେଇଛନ୍ତି ।



## ବିଭିନ୍ନ ଦାବି ନେଇ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଗାଁ ସାଥୀ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଗାଁ ସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି, ଓଡ଼ିଶା ପ୍ରଦେଶର ସଭାପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ହଜାର ହଜାର ଗାଁ ସାଥୀ (ମେଟ୍) ମାନେ ୩ ଦଫା ରାଜ୍ୟସ୍ତରୀୟ ଦାବି ଓ ୧୦ ଦଫା ଜିଲ୍ଲାସ୍ତରୀୟ ଦାବିର ସମାଧାନ ଲାଗି ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ, ଓଡ଼ିଶା ସରକାରଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପ ଦାବି କରି ଅଭିନବ ଧାରାରେ ଏକ ବିଶାଳ ରାଲି ସହିତ ଜିଲ୍ଲାପାଳ, ଭଦ୍ରକଙ୍କ କାର୍ଯ୍ୟାଳୟ ପରିସର ବାହାରେ ଆନ୍ଦୋଳନ କରିଛନ୍ତି । ହଜାର ହଜାର ସଂଖ୍ୟାରେ ଗାଁସାଥି (ମେଟ୍)ମାନେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରୁ ମହତାବ ଛକ ଦେଇ ବାଇପାସ୍ ଛକରୁ ବୁଲି ଏକ ବିରାଟ ଶୋଭାଯାତ୍ରାରେ ଗାଁ ସାଥୀମାନେ ଶ୍ରୀ ବିଶ୍ୱାଳଙ୍କ ନେତୃତ୍ୱରେ ପୁଣି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗକୁ ଆସି ଏକ ପ୍ରତିବାଦ ସଭା କରି ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର ଜିଲ୍ଲାର ସଂଘର ରାଜ୍ୟ, ଜିଲ୍ଲା, ବ୍ଲକ, ସଂଗଠକଗଣ ଓ ଭଦ୍ରକ ଜିଲ୍ଲାର ପ୍ରାୟ ସମସ୍ତ ଗାଁ ସାଥୀ (ମେଟ୍) ଉପସ୍ଥିତ ଥିଲେ । ସଂଘର ମାସିକ ପ୍ରୋତ୍ସାହନ ରାଶି ପ୍ରାପ୍ତିର ଦାବି ପୂରଣ ନହେଲେ ଆଗାମୀ ଦିନରେ ହେବାକୁଥିବା ସାଧାରଣ ନିର୍ବାଚନରେ ସଂଘ ତରଫରୁ ସଠିକ୍ ଜବାବ ଦିଆଯିବ ବୋଲି ଶତାଧିକ ସଂଗଠକ ମିଳିତ ଭାବେ ଗଣମାଧ୍ୟମକୁ ଜଣାଇଛନ୍ତି ।

## ବିଏମ୍‌ସିରେ ୫ ୱାଟର ଏଟିଏମ୍‌ରୁ ତିନି ଅଚଳ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଧୀରେ ଧୀରେ ଶୀତ କମି ଆସିଲାଣି । ଦିନରେ ଖରା ତାତି ଅନୁଭବ ହେଉଛି । ଏଥର ଆଗକୁ ଉତ୍କଟ ଗ୍ରୀଷ୍ମ ପ୍ରବାହ ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିସାରିଛି । ଏପରି ସ୍ଥିତିରେ ବ୍ରହ୍ମପୁର ସହରକୁ ଦୈନନ୍ଦିନ କାର୍ଯ୍ୟରେ ଆସୁଥିବା ହଜାର ହଜାର ଲୋକ, ପଥଚାରୀ, ଶ୍ରମିକ ଶ୍ରେଣୀ, ରିକ୍ସା ଚାଳକ, ଅଟୋ ଚାଳକଙ୍କ ପାଇଁ ପର୍ଯ୍ୟାପ୍ତ ପିଇବା ପାଣି ଆବଶ୍ୟକ ରହିଛି । ହେଲେ ପ୍ରାୟ ୫ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ବିଏମ୍‌ସି ଅଞ୍ଚଳ ପାଇଁ ମାତ୍ର ୫ଟି ୱାଟର ଏଟିଏମ୍ ରହିଛି । ଯାହା ପର୍ଯ୍ୟାପ୍ତ ନୁହେଁ । ଇତି ମଧ୍ୟରେ ଅର୍ଣ୍ଣପୂର୍ଣ୍ଣା ମାର୍କେଟ୍ ସ୍ଥିତ ୱାଟର ଏଟିଏମ୍ ଦୀର୍ଘ ଦିନ ହେଲା ଅଚଳ ହୋଇପଡ଼ିଛି । ଏହା ସହିତ ବିଏମ୍‌ସି ନିକଟରେ ଥିବା ଦୁଇଟି ୱାଟର ଏଟିଏମ୍ ମଧ ଅଚଳାବସ୍ଥାରେ ଥିବା ଦେଖିବାକୁ ମିଳିଛି । ଏହାର ମରାମତି ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ । କାରଣ ଗତ ବର୍ଷ ଗ୍ରୀଷ୍ମ ସମୟରେ ଏହି ୱାଟର ଏଟିଏମ୍ ଅଚଳ ହୋଇ ଅଭିଯୋଗ ହୋଇଥିଲା । ମାତ୍ର ଏହାର ମରାମତି ଏଯାଏ ହୋଇପାରିନି । ଅନ୍ୟ ଦୁଇଟି ୱାଟର ଏଟିଏମ୍ ନୀରବଚ୍ଛିନ୍ନ ଜଳ ଯୋଗାଣରେ ବିଫଳ ହେଉଥିବା ଲୋକ କହୁଛନ୍ତି । ବିଏମ୍‌ସିର ସୂଚନା ଅନୁସାରେ, ୨୦୧୮ରେ ତିନୋଟି ୱାଟର ଏଟିଏମ୍ ସ୍ଥାପନ କରାଯାଇଥିଲା । ସହରର ପୁରୁଣା ବସ୍‌ଷ୍ଟାଣ୍ଡ୍ ଓ ରେଳ ଷ୍ଟେସନ୍ ଆହାର କେନ୍ଦ୍ର ନିକଟରେ ଦୁଇଟି ୱାଟର ଏଟିଏମ୍ ରହିଛି । ଏଥି ସହ ଅନ୍ନପୂର୍ଣ୍ଣା ମାର୍କେଟ୍ ଛକରେ ଏକ ଏୟାର ଟୁ ୱାଟର ଏଟିଏମ୍ ଲାଗିଥିଲା । ଯେଉଁଥିରେ ପବନରୁ ପାଣି ସଂଗ୍ରହ କରିବା ବ୍ୟବସ୍ଥା ରହିଥିଲା । ପ୍ରତି ୱାଟର ଏଟିଏମ୍ ପିଛା ବିଏମ୍‌ସି ୫ ଲକ୍ଷ ଟଙ୍କା ଲେଖାଏଁ ଖର୍ଚ୍ଚ କରିଥିଲା । ଏୟାର ଟୁ ୱାଟର ଏଟିଏମ୍‌କୁ ରାଜସ୍ଥାନର ଏକ ଘରୋଇ ସଂସ୍ଥା ସ୍ଥାପନ କରିଥିଲା । ପାଣି ଅପଚୟ ରୋକିବା ସହ ଲୋକଙ୍କୁ ମାଗଣାରେ ବିଶୁଦ୍ଧ ପାନୀୟ ଜଳ ୨୪ ଘଣ୍ଟିଆ ଯୋଗାଇବା ଏହାର ଲକ୍ଷ୍ୟ ରହିଥିଲା । ମାତ୍ର କୋଭିଡ୍ ସମୟରେ ଏହି ୱାଟର ଏଟିଏମ୍ ଅଚଳ ହୋଇପଡ଼ିଥିଲା । ପରେ ଏହାକୁ ବିଏମ୍‌ସି ମରାମତି କରିଥିଲେ ମଧ ଦୀର୍ଘଦିନ କାର୍ଯ୍ୟକ୍ଷମ ହୋଇପାରିନଥିଲା । ସେହିପରି ବିଏମ୍‌ସି ଅଫିସ ନିକଟରେ ଆଉ ଦୁଇଟି ୱାଟର ଏଟିଏମ୍ ମଧ ଅଚଳାବସ୍ଥାରେ ରହିଛି । ରକ୍ଷଣାବେକ୍ଷଣ ଅଭାବରୁ ଏସବୁ ଅଚଳ ହୋଇଥିବା ଅଭିଯୋଗ ହେଉଛି । ବିଏମ୍‌ସିରୁ ପ୍ରାପ୍ତ ସୂଚନା ଅନୁସାରେ, ପ୍ରତ୍ୟେକ ୱାଟର ଏଟିଏମ୍ ପାଇଁ ଏକ ହଜାର ଲିଟର କ୍ଷମତା ବିଶିଷ୍ଟ ଟାଙ୍କି ରହିଛି । ଗ୍ରୀଷ୍ମ ସମୟରେ ଟ୍ୟାଙ୍କର ସହାୟତାରେ ବିଏମ୍‌ସି ପ୍ରତିଦିନ ଉକ୍ତ ଟାଙ୍କିରେ ପାଣି ଭର୍ତ୍ତି କରୁଛି । ବିଶେଷ କରି ଖରା ଦିନେ ଟାଙ୍କିକୁ ଦୁଇଥର ଲେଖାଏଁ ଭର୍ତ୍ତି କରାଯାଉଛି । ୪ଟି ସ୍ତରରେ ପାଣିକୁ ବିଶୋଧନ କରି ଲୋକଙ୍କୁ ଯୋଗାଇବାର ବ୍ୟବସ୍ଥା ରହିଛି । ପ୍ରଥମେ ୨ଟଙ୍କାରୁ ୫ ଟଙ୍କା ଦରରେ ଏକ ଲିଟର ପାଣି ଦିଆଯାଉଥିଲା । ବର୍ତ୍ତମାନ ଏହାକୁ ସମ୍ପୂର୍ଣ୍ଣ ମାଗଣାରେ ଦିଆଯାଉଛି । ସହରକୁ ଆସୁଥିବା ଗରିବ ଶ୍ରେଣୀର ଲୋକଙ୍କ ପାଇଁ ଏହା ବେଶ୍ ସହାୟକ ହେଉଥିବା ବେଳେ ଦକ୍ଷିଣ ଓଡ଼ିଶାର ଏକ ବୃହତ୍ତ ସହରରେ ମାତ୍ର ଦୁଇଟି ୱାଟରେ ଏଟିଏମ୍ ପର୍ଯ୍ୟାପ୍ତ ନୁହେଁ ବୋଲି ଅଭିଯୋଗ ହେଉଛି । ଆଗକୁ ଖରାଦିନ ଆସୁଛି । ଏବେଠାରୁ ଗ୍ରୀଷ୍ମ ପ୍ରକୋପ ଅନୁଭବ ହେଲାଣି । ସାଧାରଣ ଲୋକଟିଏ ବଜାରରୁ ୨୦ ଟଙ୍କା ଦେଇ ପାଣି ଏକ ଲିଟର କିଣିବା କଷ୍ଟକର ହୋଇପଡ଼ିବ । ଏଣୁ ଏ ଦିଗରେ ବିଏମ୍‌ସି ନଜର ଦେବା ଆବଶ୍ୟକ ବୋଲି କୁହାଯାଉଛି ।

## ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ (ପିଷ୍ଟା) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୭ଦଫା ଦାବିପତ୍ର ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶନୀଙ୍କୁ ପ୍ରଦାନ କରାଯାଇଛି । ସଂଯୋଜକ ବିପିନ ବିହାରୀ ପାତ୍ର, ସଂପାଦକ ଅକ୍ଷୟ କୁମାର ପୋଥାଳ ଓ ସଭାପତି ଦିବାକର ବାରିକଙ୍କ ନେତୃତ୍ୱରେ ଏହି ଦାବିପତ୍ରରେ ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ ନିଯୁକ୍ତି ବାତିଲ କରି ନିୟମିତ ଶିକ୍ଷକ ନିଯୁକ୍ତି ସହ ଶିକ୍ଷା ସହାୟକ ୬ବର୍ଷ କାର୍ଯ୍ୟକାଳକୁ ଇନକ୍ରିମେଣ୍ଟ ଦେଇ ମୂଳ ଚାକିରୀରେ ଗଣନା କରାଯିବା, କନିଷ୍ଠ ଶିକ୍ଷକ ମାନଙ୍କୁ ନିୟମିତ କରାଯିବା, ସମସ୍ତ ପ୍ରାଥମିକ ଶିକ୍ଷକ ମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରାଯିବା, କଳା ଓ କ୍ରୀଡ଼ା ଶିକ୍ଷକ ମାନଙ୍କ କ୍ୟାରିୟର ଆଡଭାନ୍ସ ପଲିସି ନିର୍ଦ୍ଧାରଣ କରିବା ସହିତ ଏକ୍ସ କ୍ୟାଡର ଶିକ୍ଷକ ମାନଙ୍କୁ କ୍ୟାଡର ଭୁକ୍ତ କରାଯାଉ, ନୂତନ ପେନ୍‌ସନ୍ ବ୍ୟବସ୍ଥାକୁ ଉଚ୍ଛେଦ କରି ପୁରୁଣା ପେନ୍‌ସନ୍ ପୁନଃପ୍ରଚଳନ କରାଯାଉ, ଛାତ୍ରଛାତ୍ରୀ ମାନଙ୍କର ଦୈନିକ ମଧ୍ୟାହ୍ନ ଭୋଜନ ବ୍ୟୟ ବରାଦ ବୃଦ୍ଧି କରାଯାଉ, ସମସ୍ତ ପ୍ରାଥମିକ ବିଦ୍ୟାଳୟକୁ ୫-ଟି ଅନ୍ତର୍ଭୁକ୍ତ କରାଯାଉ ଆଦି ଦାବି ଗୁଡିକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ଏହି ଦାବି ଗୁଡିକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ସୁରତ ସାହୁ, ବିଭୂପ୍ରସାଦ ନାୟକ, ପ୍ରଭଞ୍ଜନ ରାଉତ, ସ୍ନେହଲତା ପରିଡା, ରାଜେନ୍ଦ୍ର କାଣ୍ଡି, ସୁଶାନ୍ତ ସ୍ୱାଇଁ, ପ୍ରଫୁଲ୍ଲ କାଣ୍ଡି, ଅଶୋକ ପତି, ପ୍ରଦିପ ରାଉତ, ରାମଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଦାବି କରିଛନ୍ତି । ଏଥି ସହିତ ଶିକ୍ଷାମନ୍ତ୍ରୀ, ୫-ଟି ଅଧକ୍ଷ ଓ ଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରେରଣ କରାଯାଇଛି ।

## ସୁନାପୁର ବେଳାଭୂମିରେ ଅସୁରକ୍ଷିତ ଅଲିଭ ରିଡ଼ଲେ

**ଚିକିଟି, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ସୁନାପୁର ବ୍ଲୁ-ଫ୍ଲାଗ୍ ବେଳାଭୂମିରେ ମତ୍ସ୍ୟଜୀବୀଙ୍କ ମାଛଧରା ଟ୍ରଲର ଓ ବଡ଼ଜାଲ୍ ହାବୁଡରେ ପଡ଼ି ଅଲିଭ୍ ରିଡ୍‌ଲେ କଇଁଛ ପ୍ରାଣ ହରାଉଛନ୍ତି । ଆଉ ସେମାନଙ୍କ ଶବ କୁକୁର ଖାଉଥିବା ଜଣାପଡ଼ିଛି । ଫଳରେ କଇଁଛଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ଆଗୁଆ ପଦକ୍ଷେପ ନିଆଯାଇଛି । ପ୍ରତିବର୍ଷ ଫେବୃୟାରୀ ଶେଷ ସପ୍ତାହ କିମ୍ବା ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ ଗଣଅଣ୍ଡାଦାନ ଆରମ୍ଭ ହୋଇଥାଏ । ଏଥିପାଇଁ ନଭେମ୍ବରରୁ କଇଁଛଙ୍କ ସଙ୍ଗମ ପର୍ବ ଆରମ୍ଭ ହୁଏ । ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ସୁନାପୁର ବେଳାଭୂମି ଠାରୁ ପ୍ରୟାଗୀ ପର୍ଯ୍ୟନ୍ତ ନୋ-ଫିସିଂ ଜୋନ୍ ଘୋଷଣା କରାଯାଇଛି । ସମୁଦ୍ର ଭିତରେ ୨୦ କି.ମି. ପର୍ଯ୍ୟନ୍ତ ମାଛ ମାରିବାକୁ ବାରଣ କରାଯାଇଛି । ଏନେଇ ମତ୍ସ୍ୟଜୀବୀଙ୍କୁ ସଚେତନ କରାଯିବା ସହିତ ପାଟ୍ରୋଲିଂ କଡ଼ାକଡ଼ି କରାଯିବ ବୋଲି ବନ ବିଭାଗ ତରଫରୁ ସୂଚନା ଦିଆଯାଇଛି । ଏହି କଟକଣା ମଇ ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ । ତେବେ ଏହି ନିର୍ଦ୍ଦେଶନାମାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି । ଟ୍ରଲର ଓ ମୋଟରଚାଳିତ ଡଙ୍ଗା ବ୍ୟବହାରକୁ ନେଇ ମତ୍ସ୍ୟଜୀବୀଙ୍କ ଉପରେ ଅଙ୍କୁଶ ଜାରି କରିବାକୁ ଦାବି ହୋଇଛି । ଗତ କିଛି ବର୍ଷ ହେଲା ସୁନାପୁର ମୁହାଣରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ମୃତଦେହ ଦେଖିବାକୁ ମିଳୁନଥିଲା । ମାତ୍ର ଶୁକ୍ରବାର ସକାଳେ ମୃତଦେହ ଠାବ ହେବା ଚିନ୍ତାର ବିଷୟ ପାଲଟିଛି ।

# ଡାହାଣୀ ପ୍ରଥା ଜନିତ ଘଟଣା ସମ୍ପର୍କରେ ଟୋଲ୍‌ଫ୍ରି ନଂ-୧୧୨ରେ ପୋଲିସକୁ ଜଣାଇବାକୁ ଆହ୍ୱାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଅନ୍ଧ ବିଶ୍ୱାସ ପ୍ରଭାବ ଯୋଗୁଁ ଆଦିବାସୀ ବହୁଳ ଗ୍ରାମାଞ୍ଚଳରେ ଡାହାଣୀ, ନଖ, ଦର୍ପଣ, ଖଟ ବୁଲାଇବା, ଝଡାଫୁଙ୍କା ତଥା ଗୁଣୀ ଗାରେଡି ଭଳି ଘଟଣା ଓଡ଼ିଶାର କିଛି ଜିଲ୍ଲାରେ ଦେଖାଯାଉଛି । ଏହା ଯୋଗୁଁ ମହିଳା ମାନଙ୍କ ଉପରେ ଘଟୁଥିବା ଅଭାବନୀୟ ଘଟଣାକୁ ପ୍ରତିହତ କରିବା ପାଇଁ ଓଡ଼ିଶାରେ ୨୦୧୩ ମସିହାରେ ଡାହାଣୀ ପ୍ରଥା ନିରୋଧ ଆଇନ୍ ପ୍ରଣୟନ ହୋଇଥିଲା । ଏହି ଆଇନ୍ ୨୦୧୪ ମହିହା ଏପ୍ରିଲ ୨୫ ତାରିଖରେ କାର୍ଯ୍ୟକାରୀ ହୋଇଥିଲା । ସର୍ଭେରୁ ଜଣାଯାଇଛି ଯେ ବିଧବା ଓ ସ୍ୱାମୀ ପରିତ୍ୟକ୍ତା ମହିଳା ତଥା ଅଶିକ୍ଷିତ ମହିଳା ଯାହାର କେହିନଥିବେ ସେମାନେ ଏହି ପ୍ରଥା ଯୋଗୁଁ ସାମାଜିକ ଓ ଅର୍ଥନୈତିକ ଭାବେ ବେଶି କ୍ଷତିଗସ୍ତ ହେଉଛନ୍ତି ବୋଲି ଜିଲ୍ଲା ସଦ୍‌ଭାବନା ଗୃହରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଆଲୋଚନା କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନର ପୂର୍ବତନ ଉପ ସଭାପତି କ୍ଷିରୋଦ କୁମାର ରାଉତ, ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ମହିଳା ହିଂସା ବିରୋଧୀର ତଦନ୍ତ ଶାଖା ଡିଏସ୍‌ପି ସରିତା ମହାପାତ୍ର ଆଇନ୍‌ର ବିଭିନ୍ନ ଦିଗ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ବହୁ କଲେଜ ଛାତ୍ରଛାତ୍ରୀ ମାନେ ଗାଁ ଗହଳି ବା ଆଖପାଖ ଅଞ୍ଚଳରେ ଡାହାଣୀ ପ୍ରଥା ଜନିତ ଘଟଣା ଘଟୁଥିଲେ ଟୋଲ୍ ଫି ନମ୍ବର ୧୧୨ରେ ପୋଲିସକୁ ଜଣାଇବାକୁ କର୍ମଶାଳାରେ ଆହ୍ୱାନ ଦିଆଯାଇଛି । କେନ୍ଦ୍ରାପଡା ଜିଲ୍ଲାରେ ଡାହାଣୀ ପ୍ରଥା ଜନିତ ଘଟଣା ଦେଖାଯାଇନଥିଲେ ମଧ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାନ ପକ୍ଷରୁ ନାଚ, ଗୀତ ଓ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ପିତାମ୍ବର ସାମଲ, ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ପୋଗ୍ରାମ ଅଫିସର ସଂଯୁକ୍ତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଡ଼ିଆ ଭାଷା ସାହିତ୍ୟର ପ୍ରବର୍ତ୍ତିକା ମା'ଇଚ୍ଛାମୟୀ ଓ ମହାନ ସମାଜସେବୀ ଦିବାକର ରାଉତରାୟଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ



**କଟକ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଆ ଭାଷା ସାହିତ୍ୟର ପ୍ରବର୍ତ୍ତିକା ମା'ଇଚ୍ଛାମାୟୀ ରାଉତରାୟ ଓ ଦିବଂଗତ ସମାଜ ସେବୀ ଦିବାକର ରାଉତରାୟଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ ଉତ୍ସବ ପାଳିତ ହୋଇଯାଇଛି । ସ୍ଥାନୀୟ ଖୁଣ୍ଟୁଣୀସ୍ଥ ଇଚ୍ଛା-ତୀର୍ଥ ନିଳୟମର ରାଉତରାୟ ଭବନରେ ପାଳିତ କାର୍ଯ୍ୟକ୍ରମରେ ଓଡ଼ିଶା ଉଚ୍ଚନ୍ୟାୟାଳୟର ପ୍ରାକ୍ତନ ନ୍ୟାୟମୂର୍ତ୍ତି ମନୋରଞ୍ଜନ ମହାନ୍ତି, ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁରେନ୍ଦ୍ର ନାଥ ପଣ୍ଡା, କଂଗ୍ରେସ ନେତ୍ରୀ ଗିରିବାଳା ବେହେରା, ଉତ୍କଳ ମହିଳା ସମିତି ସମ୍ପାଦିକା ପଙ୍କଜ ବାସିନୀ ମହାନ୍ତି, ଦୀପ୍ତିମୟୀ ରାଉତ, ସ୍ମୃତି ମହାପାତ୍ର, ସୁଜାତା ଜେନା, ଧରଣୀ ପଟ୍ଟନାୟକ, ସତ୍ୟ ନାରାୟଣ ଦାସ, କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ଆନନ୍ଦ ବଲ୍ଲଭ ପାଣ୍ଡେ, ଚିତ୍ର ଶିଳ୍ପୀ ନକୁଳ ଚନ୍ଦ୍ର ମହାରଣା, ଡ଼ା. ରାଜେନ୍ଦ୍ର କର, ନିତ୍ୟାନନ୍ଦ ମିଶ୍ର, ବିଜୟ କୁମାର ପାତ୍ର, ସଂଜୀବ ଶତପଥୀ, ଦେବେନ୍ଦ୍ର ପ୍ରଧାନ, ନିତ୍ୟାନନ୍ଦ ରାଉତରାୟ, କୃଷ୍ଣ ଚନ୍ଦ୍ର ପ୍ରଧାନ, ପ୍ରଭାତ ପାଣି, ଲକ୍ଷ୍ମୀଧର ପ୍ରଧାନ, ଇଂ ଉଦିତ ଭାନୁ ରାଉତରାୟ, ବିପ୍ଳବ ବର, ମୁରାରୀ ପ୍ରସାଦ ରାଉତ, ଅଧ୍ୟାପିକା ମୌସୁମୀ ନାୟକ, ଜୟନ୍ତ ବେହେରା, ମିନା ଦାସ, ବିଚିତ୍ରା ନନ୍ଦ ପ୍ରଧାନ ଉର୍ମିଳା ପ୍ରଧାନ, ଲିଲି ଆଚାର୍ଯ୍ୟ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଗଣ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପୁତ୍ର ଉତ୍କଳ ଭୂଷଣ ରାଉତରାୟ, ବୋହୂ ସବିତା ରାଉତରାୟ ଓ ଅଣ ନାତି ଉତ୍କର୍ଷ ଭୂଷଣ ରାଉତରାୟ ଉତ୍ସବକୁ ସଂଯୋଜନା ଓ ପରିଚାଳନା କରିଥିଲେ ।

## ବିଶ୍ୱଶାନ୍ତି ମହାଯଜ୍ଞରେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା:ସମାଜରେ ପୂଜ୍ୟପୂଜାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ

**ମହାକାଳପଡ଼ା, ନ୍ୟୁଜ୍ ବ୍ୟୁରୋ**

ମହାକାଳପଡ଼ା ବ୍ଲକ ବିଜୟ ନଗର ଠାରେ ଶ୍ରୀ ଶ୍ରୀ ପଞ୍ଚମୁଖୀ ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି । ଏହି ଅବସରରେ କମିଟି ତରଫରୁ ଏକ ନୂତନ କାର୍ଯ୍ୟକ୍ରମ କରାଯାଇଛି । ଅଞ୍ଚଳର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକମାନଙ୍କୁ ହଳଦି ପାଣିରେ ପାଦ ଧୋଇବା ପରେ ଫୁଲ ଚନ୍ଦନ ଦେଇ ପୂଜାର୍ଚ୍ଚନା କରାଯାଇଥିଲା । ଏପରିକି ବନ୍ଦାପନା ମଧ କରାଯାଇଥିଲା । ଉପଢୌକନ ପ୍ରଦାନ କରାଯାଇ ଏକ ନିଆରା ପରମ୍ପରା ସୃଷ୍ଟି କରାଯାଇଛି । ଯାହାକି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି ହୋଇଛି । ଏହି ଅବସରରେ ଅତିଥିମାନେ ଯୋଗଦେଇ ପୂଜାପୂଜା ପରମ୍ପରାର ଗୁରୁତ୍ୱ ଏବଂ ସମାଜରେ ଏହାର ଆବଶ୍ୟକତା ଉପରେ ଗରୁତ୍ୱାରୋପ କରିଥିଲେ । କମିଟିର ସଭାପତି ଶଶିଭୂଷଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ରମେଶ ଚନ୍ଦ୍ର ସାହାଣି ନିଜ ବକ୍ତବ୍ୟରେ କହିଥିଲେ ସମାଜରେ ବରିଷ୍ଠ ନାଗରିକମାନଙ୍କୁ ସମ୍ମାନ ଦେବା, ବୟସ୍କ ବ୍ୟକ୍ତିମାନଙ୍କୁ ସେବା କରିବା ତଥା ସେମାନଙ୍କ ଯତ୍ନ ନେବା ଉପରେ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ନିରଞ୍ଜନ ମହାପାତ୍ର ନିଜ ବକ୍ତବ୍ୟରେ କହିଥିଲେ ବାପମା'ଙ୍କୁ ସେବା କରିବା ଓଡ଼ିଆ ସମାଜର ଏକ ପରମ୍ପରା । ପରିବାରରେ ବାପମା'ଙ୍କୁ ଅବହେଳା କରିବା ବହୁ ସମୟରେ ଦେଖାଯାଉଛି, ଯାହାକି ଏକ ଘୃଣ୍ୟ ପରମ୍ପରା । ଏଥିପ୍ରତି ସମସ୍ତେ ଦୃଷ୍ଟି ଦେବା ଉପରେ ମତବ୍ୟକ୍ତ କରିଛନ୍ତି । ପ୍ରଭୁ ରାମଚନ୍ଦ୍ରଙ୍କ ଆଦର୍ଶ ସମସ୍ତ ଜଣେଇବା ଉଚିତ୍ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ବରିଷ୍ଠ ଭାଜପା ନେତା ବିଷ୍ଣୁ ଦାସ ଏଥିରେ ଯୋଗଦେଇ ପୂଜ୍ୟପୂଜାମାନଙ୍କୁ ସସମ୍ମାନେ ପ୍ରଦାନ କରିବା ବର୍ତ୍ତମାନ ସମାଜର ଆବଶ୍ୟକତା ରହିଛି ବୋଲି ଶ୍ରୀ ଦାସ କହିଥିଲେ । ବିଜୟନଗର ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ବେହେରା, ବିରେନ ଦାସ, ସମିତିସଭ୍ୟା ଗୀତାଞ୍ଜଳି ରାଉତ, ଅଶୋକ ସାହୁ, ରମେଶ ଚନ୍ଦ୍ର ସାମନ୍ତରାୟ, ସୁରେନ୍ଦ୍ରନାଥ ପାତ୍ର, ଶୁକଦେବ ଖୁଣ୍ଟିଆ, ଅଶୋକ କୁମାର ରାଉତରାୟ, ପୂର୍ବତନ ସମିତିସଭ୍ୟ ଦିଲ୍ଲିପ କୁମାର ସାହୁ, ଭାଗିରଥି ନନ୍ଦ, ରାକେଶ ମହାନ୍ତି, ସୁଧୀର ମାଝିଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ ।

## ବାରିପଦାରେ ଜନଜାତି ସାଂସ୍କୃତିକ ସମ୍ମିଳନୀ ଆଦିଫେଷ୍ଟ ଉଦ୍‌ଘାଟିତ

# ପାରମ୍ପରିକ କଳା ଓ ସଂସ୍କୃତିର ପୁନଃ ଉଦ୍ଧାର ପାଇଁ ପ୍ରୟାସ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବାରିପଦାର ପ୍ରସିଦ୍ଧ ଛଉ ପଡ଼ିଆ ଠାରେ ଜନଜାତି ସାଂସ୍କୃତିକ ସମ୍ମିଳନୀ 'ଆଦିଫେଷ୍ଟ ଏସଡିସି ଅଧକ୍ଷ ଡା. ଦେବାଶିଷ ମାରାଣ୍ଡିଙ୍କ ଅଧକ୍ଷତାରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଅତିଥି ଭାବରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମୁଖ୍ୟ ଉମାଶଙ୍କର ମହାରଣା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗର ପାଳ ସୀମା ଦାସ, ଏସଡିସି ଉପାଧକ୍ଷା କମଳା ତିରିଆ, ବାରିପଦା ପିଏ ଆଇଟିଡିଏ ରାମ ଚନ୍ଦ୍ର ସୋରେନ, ଏସଡିସିର ସମସ୍ତ ସଦସ୍ୟ ପ୍ରମୁଖ ଯୋଗଦେଇ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ତତ୍ୱାବଧାନରେ ଆୟୋଜିତ ହେଉଥିବା ଏହି ଆଦିପର୍ବ ଓଡ଼ିଶାର ପାରମ୍ପରିକ ଲୋକକଳା, ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ଆର୍ଥିକ ବିକାଶ ପାଇଁ ବେଶ୍ ସହାୟକ ହେବ ବୋଲି କହିଥିଲେ । ଏହି ଅବସରରେ



ଜନଜାତି ବର୍ଗର କୃତି କ୍ରୀଡ଼ାବିତ ସନ୍ଧ୍ୟା ରାଣୀ ଟୁଡୁ, ସୁନୀତା ହାଁସଦା, ଉମ୍ମି ମାରାଣ୍ଡି, ଆରତୀ ମୁର୍ମୁ, ପାର୍ବତୀ ହାଁସଦା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ତେବେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କର ନିର୍ଦ୍ଦେଶରେ ପ୍ରତି ଅଞ୍ଚଳର ପାରମ୍ପରିକ କଳା ଓ ସଂସ୍କୃତିର ପୁନଃ ଉଦ୍ଧାର ତଥା ଓଡ଼ିଶାର ପୁରାତନ ଗୌରବକୁ ବଜାୟ ରଖିବା ପାଇଁ ଏହି ଆଦିପର୍ବ ଅନୁଷ୍ଠିତ ହେଉଥିବା ବେଳେ, ଏହି ଉତ୍ସବରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଲୋକକଳା ପ୍ରଦର୍ଶନ ସହ କଳା ସହ ଜଡ଼ିତ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ସରକାରଙ୍କ ତରଫରୁ ପାରମ୍ପରିକ ବାଦ୍ୟଯନ୍ତ୍ର ମାନ ପ୍ରଦାନ କରାଯାଇଛି । ଦୁଇଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ଆମନ୍ତ୍ରିତ ଅତିଥି ଭାବେ ବଲିଉଡ ଅଭିନେତା ଗୋବିନ୍ଦା ଏବଂ ସ୍ଥାନୀୟ କଳାକାରଙ୍କ ସମେତ ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିବେ ବୋଲି ଜଣାଯାଇଛି ।

## ନିଶ୍ଚିନ୍ତକୋଇଲି ଧର୍ମଘଟରେ ଆଂଶିକ ପ୍ରଭାବ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ଭାରତୀୟ କ୍ଷେତ ମଜଦୁର୍ ୟୁନିୟନ୍ ଓ ଅଖିଳ ଭାରତ ଟ୍ରେଡ୍ ୟୁନିୟନ କଂଗ୍ରେସର ମିଳିତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ପକ୍ଷରୁ ଦିଆଯାଇଥିବା ଧର୍ମଘଟ ଡାକରା ନିଶ୍ଚିନ୍ତକୋଇଲି ଅଞ୍ଚଳରେ ଆଂଶିକ ପ୍ରଭାବ ପକାଇଛି । ଏହି ଅବସରରେ ନିଶ୍ଚିନ୍ତକୋଇଲି ଅହମ୍ମଦ ବକ୍ସ ହାଇସ୍କୁଲରୁ ଏକ ଶୋଭାଯାତ୍ରା ବାହାରିଥିଲା । ଏହି ଶୋଭାଯାତ୍ରା ବଜାର ପରିକ୍ରମା କରିବା ପରେ ବସ୍‌ଷ୍ଟାଣ୍ଡ ନିକଟରେ ଏକ ପ୍ରତିବାଦ ସଭା କରାଯାଇଥିଲା । ଏହି ପ୍ରତିବାଦ ସଭାରେ କେନ୍ଦ୍ର ସରକାରଙ୍କ କୃଷକ, ଶ୍ରମିକ ମାରଣା ନୀତିକୁ କଟୁ ସମାଲୋଚନା କରାଯାଇଥିଲା । ୫ ଦଫା ଦାବି କରାଯାଇଥିଲା । ଏଥିରେ କମ୍ରେଡ ତ୍ରୈଲୋକ୍ୟ ନାଥ, ବିକେ ଏମ୍‌ୟୁ ଜିଲ୍ଲା ସମ୍ପାଦକ କମ୍ରେଡ ହିମାଂଶୁ ଶେଖର ଭୂୟାଁ, କୃଷକ ନେତା କସ୍ତୁରୀ ଚରଣ ପାତ୍ର, ସିପିଆଇ ଜୋନ୍ ସମ୍ପାଦକ ଅରବିନ୍ଦ ପଣ୍ଡା, ମାଗୁଣୀ ଚରଣ ନାୟକ, ଶ୍ରମିକ ନେତା, ସେକ୍ ଅମଜାଦ ଅଲ୍ଲୀ, ହୃଷିକେଶ ପଣ୍ଡା, ଶିବରାମ ବସ୍ତିଆ, ରମେଶ ଚନ୍ଦ୍ର ସାହୁ, ତପନ କୁମାର ସୁତାର ପ୍ରମୁଖ ନେତୃତ୍ୱ ନେଇଥିଲେ ।

## ପ୍ରାଚୀନ ଲୋକକଳା ଉତ୍ସବ:ପାଲା ସାମାଜିକ ଓ ସାଂସ୍କୃତିକ ଚେତନାର ବାର୍ତ୍ତାବହ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଅନ୍ତର୍ଗତ ମହାକୁଡ଼ପାଲି ଗ୍ରାମରେ ବିଶିଷ୍ଟ ପାଲାଗାୟକ ବାଞ୍ଛାନିଧି ପ୍ରଧାନଙ୍କ ଉଦ୍ୟମରେ ତଥା ତାଙ୍କ ନାତି ଆୟୁଷ୍ମାନ ପ୍ରତ୍ୟୁଷର ଅନ୍ନପ୍ରାସନ୍ନ ଅବସରରେ ପ୍ରାଚୀନ ବିଦଗ୍ଧ ଲୋକକଳା ପାଲାକୁ ନେଇ ବାଞ୍ଛାନିଧି ପ୍ରଧାନଙ୍କ ଅଧ୍ୟକ୍ଷତାରେ ପୁରାତନ କଳାକୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ହରଭଙ୍ଗା ବ୍ଲକ୍ ଉପାଧ୍ୟକ୍ଷ ସରୋଜ କୁମାର ପ୍ରଧାନ ଯୋଗଦେଇ ପୁରାତନ କଳାକୁ ବଞ୍ଚେଇ ରଖିବାରେ କଳାକାର ଭୂମିକା ଉପରେ ବକ୍ତବ୍ୟ ରଖି କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନୀତ ଅତିଥି ଭାବେ ସାହିତ୍ୟିକ ତଥା ସଂସ୍କୃତି ଗବେଷକ ରମେଶ ପ୍ରସାଦ ମେହେର ଯୋଗଦେଇ ବୌଦ୍ଧରେ ପାଲା ସଂସ୍କୃତି ଅତୀବ ପ୍ରାଚୀନ । ଏହା ସାଂସ୍କୃତିକ ଚେତନାର ବାର୍ତ୍ତାବହ । ପୌରାଣିକ ବିଷୟ ବସ୍ତୁକୁ ଆଧାର କରି ସଙ୍ଗୀତଗାନ ମାଧ୍ୟମରେ ଲୋକଙ୍କୁ ମନୋରଞ୍ଜନ କରାଉ ଥିବାରୁ ଏହା ଅତି ଲୋକପ୍ରିୟ ବିଦଗ୍ଧକଳା ବୋଲି ନିଜ ବକ୍ତବ୍ୟରେ କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ବରିଷ୍ଠ ପାଲା ଗାୟକ କୃଷ୍ଣ ଚନ୍ଦ୍ର ମିଶ୍ର ଯୋଗଦେଇ ପ୍ରାଚୀନ କଳା ପାଲାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ବିଶିଷ୍ଟ କୀର୍ତ୍ତନ୍ୟ ଗୁରୁ କୃଷ୍ଣଚନ୍ଦ୍ର ସାହୁ, ମନୋରଞ୍ଜନ ସାହୁ, ବରିଷ୍ଠ କଳାକାର ନିତ୍ୟାନନ୍ଦ ବେହେରା, ଡଃ ଦାମୋଦର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ପରେ ପଶ୍ଚିମ ଓଡ଼ିଶାର ବରିଷ୍ଠ ତଥା ଲବ୍ଧ ପ୍ରତିଷ୍ଠିତ ପାଲା ଗାୟକ ରାଧେଶ୍ୟାମ ପଣ୍ଡା ଓ ସାଥୀ ଏବଂ ପୂର୍ବ ଓଡ଼ିଶାର ବିଶିଷ୍ଟ ତଥା ସୁପରିଚିତ ପାଲାଗାୟକ ଶରତ କୁମାର ଦଳେଇ ଓ ସାଥୀଙ୍କ ମଧ୍ୟରେ ରାତିସାରା ଚାଲିଥିବା ବାଦୀପାଲା ଲଢ଼େଇ ଉପସ୍ଥିତ ଭକ୍ତଭକ୍ତା ମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଏହି ଅବସରରେ ସୁପ୍ରତିଷ୍ଠିତ ପାଲା ଗାୟକ ରାଧେଶ୍ୟାମ ପଣ୍ଡାଙ୍କୁ ଗାୟକ ଭାଷା ବଲ୍ଲରୀ ଓ ଶରତ କୁମାର ଦଳେଇଙ୍କୁ ଗାୟକ ଭାଷା ଶିରୋମଣୀ ଉପାଧିରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଭୂଷିତ କରାଯାଇଥିଲା । ବରିଷ୍ଠ ନାଟ୍ୟ କଳାକାର ସୁରେନ୍ଦ୍ର କର୍ଣ୍ଣ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିବା ବେଳେ ବାଞ୍ଛାନିଧି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଏସିଆରେ ପ୍ରଥମ ଥର ପାଇଁ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଏଲ ଆଣ୍ଡ ବି ପୀଡ଼ା ନିବାରକ କର୍ମଶାଳା:ଯୋଗଦେଲେ ଜର୍ମାନୀର ପ୍ରସିଦ୍ଧ ପୀଡ଼ା ନିବାରଣ ବିଶେଷଜ୍ଞ

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ନରାଜ ଅରିଲୋ ସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଶନିବାର ଦିନ 'ଇଣ୍ଟ୍ରୋଡକ୍ସନ୍ ଟୁ ଏଲ ଆଣ୍ଡ ବି ପେନ୍ ଥେରାପି' ଉପରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସମଗ୍ର ଏସିଆ ମହାଦେଶରେ ଏହି ଧରଣର କର୍ମଶାଳା ଆୟୋଜନ କରିବା ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ହେଉଛି ପ୍ରଥମ । ଏହି କର୍ମଶାଳାରେ ବହୁ ବିଶେଷଜ୍ଞ, ମେଡିକାଲ ଛାତ୍ରଛାତ୍ରୀଙ୍କ ସମେତ ବିଶ୍ୱବିଦ୍ୟାଳୟର ତୁଙ୍ଗ ସ୍ଥାନୀୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ । ଏଥିରେ 'ଲିବସର୍ ବ୍ରାଟ୍ ପେନ୍ ଥେରାପି'ର ପ୍ରତିଷ୍ଠାତା ତଥା ଜର୍ମାନୀର ଜଣେ ପ୍ରସିଦ୍ଧ 'ପୀଡ଼ା ନିବାରଣ ବିଶେଷଜ୍ଞ' ଡା. ରୋଲାଣ୍ଡ ଲିବସର୍ ବ୍ରାଟ୍ ଅତିଥି ଭାବରେ ଯୋଗ ଦେଇ ସାରା ବିଶ୍ୱରେ ପୀଡ଼ା ନିବାରଣ ଚିକିତ୍ସା କ୍ଷେତ୍ରରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଉପରେ ମତବ୍ୟକ୍ତ କରିଥିଲେ । ତାଙ୍କ ଅଭିଜ୍ଞତା, ପୀଡ଼ା ଚିକିତ୍ସା କ୍ଷେତ୍ରରେ ବିଶେଷଜ୍ଞତା ଏବଂ ନୂତନ ଦୃଷ୍ଟିଭଙ୍ଗୀ ଦ୍ୱାରା ଉପସ୍ଥିତ ବ୍ୟକ୍ତିମାନଙ୍କୁ ବିଭିନ୍ନ ପରାମର୍ଶ ଓ ଉଦାହରଣ ଦେଇ ବୁଝାଇଥିଲେ । ଏହାଦ୍ୱାରା ମାନସିକ ଶାନ୍ତି ନିମନ୍ତେ ମଧ




ପଥ ଉନ୍ମୁକ୍ତ ହେବ ବୋଲି ସେ ମତ ପ୍ରକାଶ କରିଥିଲା । ଶରୀରର ଏଭଳି ୭୨ଟି ସ୍ୱତନ୍ତ୍ର ସ୍ଥାନ ଚିହ୍ନଟ କରି ସେ ତହିଁରେ ଚିକିତ୍ସା ଆରମ୍ଭ କରି ଆଶାତୀତ ସଫଳତା ପ୍ରାପ୍ତ ହୋଇଛନ୍ତି । ଡା. ବ୍ରାଟ୍ ସାରା ବିଶ୍ୱର ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଜର୍ମାନ୍ ଭାଷାଭାଷୀ ଲୋକଙ୍କ ଜୀବନକୁ ପୀଡାମୁକ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ୟୁରୋପରେ ଏହି ଚିକିତ୍ସା ପଦ୍ଧତି ଖୁବ୍ ଲୋକପ୍ରିୟତା ହାସଲ କରିଥିବାବେଳେ ୧୩ ହଜାରରୁ ଅଧିକ ଡାକ୍ତରଙ୍କୁ ସେ ତାଲିମ ପ୍ରଦାନ କରିଛନ୍ତି । ଏହି କର୍ମଶାଳାରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ ବିଶ୍ୱର ସର୍ବଶ୍ରେଷ୍ଠ ପ୍ରଫେସନାଲଙ୍କୁ ଓଡ଼ିଶା ଆଣିବା ସାଙ୍ଗକୁ ରାଜ୍ୟର ସର୍ବଶ୍ରେଷ୍ଠ ପ୍ରଫେସନାଲଙ୍କୁ ମଧ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ମତବ୍ୟକ୍ତ କରିଥିଲେ । କୁଳପତି ପ୍ରଫେସର ବି.ଆର ଶର୍ମା ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ହେଉଥିବା ଉଦ୍ୟମ ସମ୍ପର୍କରେ ପ୍ରକାଶ କରିଥିଲେ । ସ୍ୱାସ୍ଥ୍ୟ ଓ ସୁସ୍ଥତା ବିଭାଗର ଏସିସ୍ଟାଣ୍ଟ ପ୍ରଫେସର ଡା. ନିକିତା ମିରାଜକର ନିଜ ଅଙ୍ଗେନିଭା ଅନୁଭୂତି କଥା ବର୍ଣ୍ଣନା କରି କହିଥିଲେ ।

# ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟ ଖେଳିବେନି ଯଶପ୍ରୀତ ବୁମ୍ରା



**ମୁମ୍ବାଇ**

ରାଜକୋଟ୍‌ରେ ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ଇଣ୍ଡିଆର ବୃହତ୍ତମ ବିଜୟ ପରେ ବିଶ୍ରାମ ନେବେ ଯଶପ୍ରୀତ୍ ବୁମ୍ରା ରାଞ୍ଚିରେ ଖେଳାଯିବାକୁ ଥିବା ଚତୁର୍ଥ ଟେଷ୍ଟରୁ ବୁମ୍ରାଙ୍କୁ ବିଶ୍ରାମ ଦେବାକୁ ନିଷ୍ପତ୍ତି ନେଇଛି ଟିମ୍ ମ୍ୟାନେଜମେଣ୍ଟ। ତାଙ୍କ ସ୍ଥାନରେ ମୁକେଶ କୁମାର କିମ୍ବା ଅକ୍ଷର ପଟେଲଙ୍କୁ ସୁଯୋଗ ଦିଆଯାଇପାରେ। ତେବେ ବୁମ୍ରା କେବଳ ଚତୁର୍ଥ ମ୍ୟାଚ୍ ଖେଳିବେନି, ସେ ଧର୍ମଶାଳାରେ ଅନୁଷ୍ଠିତ ହେବାକୁ ଥିବା ସିରିଜ୍‌ର ଶେଷ ମ୍ୟାଚ୍‌ରେ ଦଳକୁ ଫେରିବେ। ରିପୋର୍ଟ ଅନୁଯାୟୀ, ଯଶପ୍ରୀତ୍ ବୁମ୍ରା ଟିମ୍ ଇଣ୍ଡିଆ ସହିତ ରାଜକୋଟରୁ ରାଞ୍ଚି ଯିବେ ନାହିଁ। କାର୍ଯ୍ୟଭାର ପରିଚାଳନା ପାଇଁ ମ୍ୟାନେଜମେଣ୍ଟ ତାଙ୍କୁ ବିଶ୍ରାମ ଦେଇଛି। ତେବେ ଜଶ୍‌ପ୍ରୀତ୍ ବୁମ୍‌ରାଙ୍କ ବ୍ୟତୀତ ରାଞ୍ଚିରେ ଖେଳାଯିବାକୁ ଥିବା ଚତୁର୍ଥ ଟେଷ୍ଟରୁ ଅନ୍ୟ କୌଣସି ଖେଳାଳିଙ୍କୁ ବିଶ୍ରାମ ଦିଆଯିବ ନାହିଁ। ସିରିଜର ଚତୁର୍ଥ ଟେଷ୍ଟ ମ୍ୟାଚ୍ ୨୩ ଫେବୃଆରୀରୁ ରାଞ୍ଚିରେ ଖେଳାଯିବ। ପାଞ୍ଚ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଟିମ୍ ଇଣ୍ଡିଆ ୨-୧ରେ ଆଗୁଆ ରହିଛି। ପଞ୍ଚମ ଟେଷ୍ଟ ଧର୍ମଶାଳାରେ ମାର୍ଚ୍ଚ ୭-୧୧ରେ ଅନୁଷ୍ଠିତ ହେବ।

# ରଣଜୀ ଖେଳୁନଥିବା ଷ୍ଟାର କ୍ରିକେଟରଙ୍କୁ ଖୋଲା ଚେତାବନୀ ଦେଲେ ଜୟ ଶାହ

**ନୂଆଦିଲ୍ଲୀ**

ଈଶାନ କିଶନ ଓ ଶ୍ରେୟସ ଆୟରଙ୍କ ଭଳି ବିସିସିଆଇର ସେଣ୍ଟ୍ରାଲ କଣ୍ଟ୍ରାକ୍ଟରେ ଥିବା ଷ୍ଟାର ଖେଳାଳିଙ୍କୁ ଖୋଲା ଚେତାବନୀ ଦେଇଛନ୍ତି ବିସିସିଆଇର ସମ୍ପାଦକ ଜୟ ଶାହ। କଣ୍ଟ୍ରାକ୍ଟରେ ଥିବା ଖେଳାଳିମାନେ ଯେମିତି ହେଲେ ଘରୋଇ କ୍ରିକେଟ ଖେଳିବା ଦରକାର। ରଣଜୀ ଟ୍ରଫି ଖେଳିବା ପରେ ହିଁ ଜଣେ ଖେଳାଳି ଜାତୀୟ ଟିମ୍‌ର ଚୟନ ପ୍ରକ୍ରିୟା ପାଇଁ ଉପଲବ୍ଧ ହୋଇପାରିବେ ବୋଲି ଜୟ ଶାହ କହିଛନ୍ତି।

ଶ୍ରୀ ଶାହଙ୍କ କହିବା କଥା ଯେ ବିସିସିଆଇ ଆଇପିଏଲର ସଫଳତାରେ ବେଶ୍ ଖୁସି। କିନ୍ତୁ ଖେଳାଳିମାନେ ଘରୋଇ କ୍ରିକେଟ ଅପେକ୍ଷା ଆଇପିଏଲକୁ ଗୁରୁତ୍ୱ ଦେବା ଠିକ୍ ନୁହେଁ। ଏପରି ଆଶା ବିସିସିଆଇ କେବେ କରି ନଥିଲା।

ଜୟ ଶାହ ଗୋଟିଏ ଚିଠି ଲେଖି ସବୁ କ୍ରିକେଟରଙ୍କୁ କହିଛନ୍ତି ଯେ ବର୍ତ୍ତମାନ ଗୋଟିଏ ଟ୍ରେଣ୍ଡି ଆରମ୍ଭ ହୋଇଛି ଓ ଏହା ଅତ୍ୟନ୍ତ ଚିନ୍ତାଜନକ। କିଛି ଖେଳାଳି ଘରୋଇ କ୍ରିକେଟ ଅପେକ୍ଷା ଆଇପିଏଲକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏପରି ଆଶା ସେମାନଙ୍କ ଠାରୁ କେବେ ନଥିଲା। ଭାରତୀୟ କ୍ରିକେଟ ଟିମ୍ ଆଜି ଯେଉଁଠି ବି ପହଞ୍ଚିଛି, ତା'ର ମୂଳଦୁଆ ଘରୋଇ କ୍ରିକେଟ ହିଁ ସବୁବେଳେ ରହିଛି। ଏହାର ମୂଲ୍ୟ ଆମ ଦୃଷ୍ଟିରେ କମି ନାହିଁ କିମ୍ବା ବଦଳି ନାହିଁ।



ଘରୋଇ କ୍ରିକେଟ ହେଉଛି ଭାରତୀୟ କ୍ରିକେଟର ମେରୁଦଣ୍ଡ। ଏହା ଭାରତୀୟ ଟିମ୍‌ର ମୁଖ୍ୟ ଉତ୍ସ। ଯେଉଁ କ୍ରିକେଟରମାନେ ଭାରତ ପାଇଁ ଖେଳିବାକୁ ଚାହୁଁଛନ୍ତି, ସେମାନଙ୍କୁ ପ୍ରଥମେ ଘରୋଇ କ୍ରିକେଟରେ ନିଜକୁ ପ୍ରମାଣିତ କରିବାକୁ ପଡ଼ିବ। ଘରୋଇ କ୍ରିକେଟରେ କରିଥିବା ପ୍ରଦର୍ଶନ ହିଁ ଚୟନ ପାଇଁ ମୁଖ୍ୟ ସୂତ୍ର ଘରୋଇ କ୍ରିକେଟରେ ଭାଗ ନ ନେଲେ, ଏହାର ଅନେକ ଗୁରୁତର ପ୍ରଭାବ ଖେଳାଳିଙ୍କ ଉପରେ ପଡ଼ିବ।

ବିଭିନ୍ନ କାରଣ ପାଇଁ ଈଶାନ କିଶନ, ଶ୍ରେୟସ ଆୟର ଓ ଦୀପକ ଚହର ଭାରତୀୟ ଟିମ୍‌ରୁ ବାଦ୍ ପଡ଼ିଛନ୍ତି। ଆୟର କେନ୍ଦ୍ରୀୟ କଣ୍ଟ୍ରାକ୍ଟର ବି ବର୍ଗରେ ଥିବା ବେଳେ ଈଶାନ ଗ୍ରେଡ୍ ସିରେ ରହିଛନ୍ତି ଦୀପକ ଚହରଙ୍କୁ ବିସିସିଆଇ କେନ୍ଦ୍ରୀୟ ଚୁକ୍ତିରୁ ବାଦ୍ ଦେଇଛି।

ଈଶାନ ଶେଷ ଥର ଗୌହାଟୀରେ ଭାରତ ପାଇଁ ଟି-୨୦ ଖେଳିଥିଲେ। ଏହାପରେ ଖରାପ ପ୍ରଦର୍ଶନ ଯୋଗୁ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳି ନଥିଲା। ୨୫ ବର୍ଷୀୟ ଈଶାନଙ୍କୁ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସ୍କ୍ୱାଡ୍‌ରେ ରଖାଯାଇଥିଲା। ହେଲେ ସେ ଗୋଟିଏ ବି ମ୍ୟାଚ୍ ଖେଳିବାକୁ ସୁଯୋଗ ପାଇ ନଥିଲେ।

ଗତବର୍ଷ ୱେଷ୍ଟଇଣ୍ଡିଜ ଟୁର୍ ବେଳେ ସେ ଭାରତ ପାଇଁ ୱିକେଟ କିପିଂ କରିଥିଲେ। କିନ୍ତୁ ବର୍ତ୍ତମାନ ଚାଲିଥିବା ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ତାଙ୍କ ନାଁକୁ ବିଚାରକୁ ନିଆଯାଇ ନାହିଁ ତଥାପି ବି ସେ ରଣଜୀ ଟ୍ରଫିରେ ଝାଡ଼ଖଣ୍ଡ ପାଇଁ ଖେଳି ନାହାନ୍ତି।

ଶ୍ରେୟସ ଆୟରଙ୍କୁ ଖରାପ ପ୍ରଦର୍ଶନ ପାଇଁ ଇଂଲଣ୍ଡ ବିପକ୍ଷ ଶେଷ ୩ ଟେଷ୍ଟରୁ ବାଦ୍ ଦିଆଯାଇଛି। ସେ ଏବେ ଭାରତୀୟ ଦଳରୁ ବାହାରେ ରହିଥିଲେ ହେଁ ରଣଜୀ ଟ୍ରଫିରେ ଘରୋଇ ଟିମ୍ ପାଇଁ ଖେଳୁ ନାହାନ୍ତି।

ଦୀପକ ଚହର ଅଷ୍ଟ୍ରେଲିଆ ବିପକ୍ଷ ଶେଷ ଟି-୨୦ରୁ ମେଡିକାଲ କାମ ପାଇଁ ନିଜ ନାଁକୁ ପ୍ରତ୍ୟାହାର କରି ନେଇଥିଲେ। ତାଙ୍କ ବାପା ବ୍ରେନ ଷ୍ଟ୍ରୋକ୍‌ର ସମ୍ମୁଖୀନ ହେବାରୁ ଚହର ଦକ୍ଷିଣ ଆଫ୍ରିକା ମଧ୍ୟ ଯାଇ ନଥିଲେ। ସେ ମଧ୍ୟ ଏବେ ରଣଜୀ ଟ୍ରଫି ଖେଳୁନାହାନ୍ତି।

## ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

# ସ୍ୱର୍ଣ୍ଣପଦକ ଜିତିଲେ ପ୍ରତ୍ୟାଶା ରାୟ



**ଭୁବନେଶ୍ୱର**

ଉତ୍କଳ ବିଶ୍ୱବିଦ୍ୟାଳୟ ସମାଜ ବିଜ୍ଞାନ ବିଭାଗ ଛାତ୍ରୀ ପ୍ରତ୍ୟାଶା ରାୟଙ୍କୁ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ସଫଳତା ମିଳିଛି। ଆସାମର ଗୌହାଟିଠାରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଆ ଝିଅ ପ୍ରତ୍ୟାଶା ରାୟ ନିଜର ଚମକ୍ ଜାରି ରଖି ସ୍ୱର୍ଣ୍ଣପଦକ ପଦକ ଜିତିଛନ୍ତି। ଓଡ଼ିଶା ସନ୍ତରିକା ପ୍ରତ୍ୟାଶା ସୋମବାର ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ୪୦୦ ମିଟର ଫ୍ରିଷ୍ଟାଇଲ ଏବଂ ବ୍ୟାକ୍ ଷ୍ଟ୍ରୋକ୍ ୧୦୦ ମିଟରରେ ସ୍ୱର୍ଣ୍ଣପଦକ ଜିତିଛନ୍ତି। ପ୍ରତ୍ୟାଶାଙ୍କ ସଫଳତା ପାଇଁ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, କୁଳସଚିବ ଡ. କାହ୍ନୁଚରଣ ଧୀର ଏବଂ କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ଡ. ବିଜୟ କୁମାର ସୁନ୍ଦରାୟ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ଏଲଆଇ ପରିଜା ଏବଂ ଆରଏମ ପଟ୍ଟନାୟକ ମେମୋରିଆଲ୍ ବ୍ରିଜ ଟୁର୍ଣ୍ଣାମେଣ୍ଟ

**ଭୁବନେଶ୍ୱର**

ରାଜ୍ୟର ସମ୍ମାନଜନକ ତୃତୀୟ ଏଲ. ଆଇ. ପରିଜା ଏବଂ ଆର.ଏମ୍. ପଟ୍ଟନାୟକ ମେମୋରିଆଲ୍ ବ୍ରିଜ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେତାମାନଙ୍କୁ ପୁରସ୍କାର ରାଶି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି। ଉଦ୍‌ଯାପନୀ ଅଧିବେଶନରେ କଲକାତା ଉପଭୋକ୍ତା ନିବାରଣ କମିଟିର ସଦସ୍ୟ ଏସ.ଆର. ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା ବ୍ରିଜ୍ ଆସୋସିଏସନର ସଭାପତି ଶୁଭେନ୍ଦୁ ପଟ୍ଟନାୟକ ଏହି ନିଆରା ଖେଳରେ ନୂତନ ଖେଳାଳିଙ୍କ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ପାଦକ ତାପସ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ୪ର୍ଥ ଟେଷ୍ଟକୁ ଫେରିବେ କେଏଲ୍ ରାହୁଲ

**ନୂଆଦିଲ୍ଲୀ**

ଆହତ ସମସ୍ୟା ଯୋଗୁ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଓ ତୃତୀୟ ଟେଷ୍ଟରୁ ବାଦ୍ ପଡ଼ିଥିବା କେଏଲ ରାହୁଲଙ୍କୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ସେ ବର୍ତ୍ତମାନ ଫିଟ୍ ହୋଇଯାଇଛନ୍ତି। ତେଣୁ ଫେବୃୟାରୀ ୨୩ରୁ ରାଞ୍ଚିରେ ଆରମ୍ଭ ହେବାକୁ ଥିବା ୪ର୍ଥ ଟେଷ୍ଟ ବେଳକୁ ସେ କମ୍‌ବ୍ୟାକ୍ କରିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, ଜଙ୍ଘ ଜନିତ ସମସ୍ୟାରେ ପଡ଼ିଥିବା କେଏଲ ଗତ ସପ୍ତାହରେ ହିଁ ୯୦% ଫିଟ୍ ହୋଇ ଯାଇଥିଲେ ତଥାପି ତାଙ୍କୁ ତୃତୀୟ ଟେଷ୍ଟରେ ସାମିଲ କରାଯାଇ ନଥିଲା। ଏବେ ସେ ମ୍ୟାଚ୍ ଖେଳିବାକୁ ପୂରା ପ୍ରସ୍ତୁତ ଅଛନ୍ତି। ତେଣୁ ସେ ରାଞ୍ଚି ଟେଷ୍ଟ ବେଳକୁ ଉପଲବ୍ଧ ହେବେ। ଗତବର୍ଷ ଆଇପିଏଲ ମଧ୍ୟ ରାହୁଲ ସମାନ ଆହତ ସମସ୍ୟାରେ ପଡ଼ିଥିଲେ। ଏଥିପାଇଁ ତାଙ୍କୁ ପ୍ରାୟ ୪ ମାସ ଟିମ୍‌ରୁ ବାହାରେ ରହିବାକୁ ପଡ଼ିଥିଲା। ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ସେ ପୁଣି ସମାନ ଆହତର ସମ୍ମୁଖୀନ ହୋଇଥିଲେ। ହେଲେ ଏଥର ସେ ଶୀଘ୍ର ଫିଟ୍ ହୋଇଯାଇଛନ୍ତି। ହାଇଦ୍ରାବାଦରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତ ହାରି ଯାଇଥିଲା। କିନ୍ତୁ ରାହୁଲଙ୍କ ବ୍ୟାଟରୁ ଶତକ ଦେଖିବାକୁ ମିଳିଥିଲା। ରାହୁଲ ଫର୍ମରେ ଥିବାରୁ ୪ର୍ଥ ଟେଷ୍ଟରେ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ



ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ କଥା ବିଚାରକୁ ନେଲେ ଏବେ ଘରୋଇ ଟିମ୍ ଭାରତ ୨-୧ରେ ଆଗୁଆ ରହିଛି। ପ୍ରଥମ ଟେଷ୍ଟ ଇଂଲଣ୍ଡ ଜିତିଥିବା ବେଳେ ଦ୍ୱିତୀୟ ଓ ତୃତୀୟ ଟେଷ୍ଟକୁ ଭାରତ ଜିତି ନେଇଛି। ତୃତୀୟ ଟେଷ୍ଟରେ ଭାରତ ୪୩୪ ରନର ବୃହତ୍ ବ୍ୟବଧାନରେ ଇଂଲଣ୍ଡକୁ ହରାଇ ନୂଆ ରେକର୍ଡ କରିଛି। ଏହା ଇଂଲଣ୍ଡର ଦ୍ୱିତୀୟ ବୃହତ୍ତମ ପରାଜୟ ଏହାପୂର୍ବରୁ ଦଳ ୧୯୩୪ରେ ଅଷ୍ଟ୍ରେଲିଆ ଠାରୁ ୫୬୨ ରନରେ ହାରିଥିଲା।

## ରାଜ୍ୟ ସ୍ତରୀୟ ରାଜେଶ ବଳ ମା' ସୁବର୍ଣ୍ଣମୁଖୀ କ୍ରିକେଟ

# ନିମ ପୁର ସ୍ପୋର୍ଟିଂ ସେମିରେ



**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ବ୍ଲକ ସୋଧ ଧରମ ପଡ଼ିଆ ଠାରେ ଚାଲିଥିବା ରାଜ୍ୟ ସ୍ତରୀୟ ରାଜେଶ ବଳ ମା' ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୋମବାର ଅନୁଷ୍ଠିତ ତୃତୀୟ ଲିଗ୍ ମ୍ୟାଚ୍‌ରେ କେନ୍ଦ୍ରାପଡ଼ାର ବାଲାବାବା କ୍ରିକେଟ କ୍ଲବ୍‌କୁ ହରାଇ କଟକର ନିମପୁର ସ୍ପୋର୍ଟିଂ ବିଜୟ ହୋଇ ସେମି ଫାଇନାଲକୁ ପ୍ରବେଶ କରିଛି। ନିମପୁର ଟସ୍ ଜିତି ୨୦ ଓଭରରେ ୭ ୱିକେଟ ହରାଇ ୧୯୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅନିଲ ସାହୁ ୩୬ ବଲରେ ୫୬ ରନ, ଜାହିର ୱାରିସ ୨୯ ବଲ୍‌ରେ ୪୮ ରନ, ସାଭଲିନ ୨୧ ବଲ୍‌ରେ ୪୦ ରନ କରିଥିଲେ। ପ୍ରତିପକ୍ଷ ବୋଲର ବିନାୟକ ଶର୍ମା ୪ ଓଭରରେ ୩୭ ରନ ଦେଇ ୩ ୱିକେଟ, ଅଭିଜିତ ପାଢ଼ୀ ୪ ଓଭରରେ ୪୪ ରନ ଦେଇ ୨ ୱିକେଟ ନେଇଥିଲେ। ଜବାବରେ ବାଲାବାବା କ୍ଲବ୍ ୧୫ ଓଭରରେ ସମସ୍ତ ୱିକେଟ ହରାଇ ୯୭ ରନ କରି ପରାଜୟ ହୋଇଥିଲା। ଦଳପକ୍ଷରୁ ଜ୍ଞାନ ରଞ୍ଜନ ପ୍ରଧାନ ୧୬ ବଲରେ ୨୬ ରନ, ଶୁଭମ ମହାନ୍ତି ୨୦ ବଲରେ ୧୩ ରନ , ସାଇ ସୂର୍ଯ୍ୟା ୬ ବଲରେ ୧୨ ରନ କରିଥିଲେ। ପ୍ରତିପକ୍ଷ ବୋଲର ଜାହିର ୱାରିସ ୪ ଓଭରରେ ୨୦ ରନ ଦେଇ ୩ ୱିକେଟ, ସାଭଲିନ ମଲ୍ଲିକ ୪ ଓଭରରେ ୨୬ ରନ ଦେଇ ୩ ୱିକେଟ, ସ୍ୱାଧୀନ ପାତ୍ର ୩ ଓଭର ରେ ୧୨ ରନ ଦେଇ ୨ ୱିକେଟ ପାଇଁ ଅକ୍ତିଆର କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ନିମପୁର ସ୍ପୋର୍ଟିଂର ଆଲରାଉଣ୍ଡର ଜାହିର ୱାରିସଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରା ଯାଇଥିଲା। ଅମ୍ପାୟାର ଭାବେ ସାର୍ଥକ ରଞ୍ଜନ ବିଶ୍ୱାଳ, ଅଶୋକ ଜେନା ଦାୟିତ୍ୱ ତୁଲାଇ ଥିଲେ। ସ୍କୋରର ଥିଲେ ପ୍ରଦୀପ ଆନ୍ଦିଆ ଓ ଦୀପକ ଖଟୁଆ ଧାରାବିବରଣୀ ପ୍ରଦାନ କରିଥିଲେ। ଭୋଳାନାଥ ସାହୁ, ଟିପୋ ଅଲ୍ଲି ଖାଁ ମଙ୍ଗଳବାର ଚତୁର୍ଥ ଲିଗ୍ ମ୍ୟାଚ୍ କେସିଏ ଧାମନଗର ସହିତ ଡିଆରକେ ବାରିପଦା ମଧ୍ୟରେ ଅନୁଷ୍ଠିତ ହେବ।



ଶେଷ ପୃଷ୍ଠା

ଭୁବନେଶ୍ୱର
୨୦ ଫେବୃୟାରୀ
ମଙ୍ଗଳବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24





ଭୁବନେଶ୍ୱର : କୁମ୍ଭ ମେଳାରେ ଦୁଲୁକୁଛି ଖଣ୍ଡଗିରି ପାଦଦେଶ। ବାବାମାନଙ୍କ ଯଜ୍ଞ ଓ କଳାକାରମାନଙ୍କ ନୃତ୍ୟ ପରିବେଷଣ ସାଙ୍ଗକୁ ଦୋକାନ ବଜାରରେ ଦର୍ଶକମାନଙ୍କ ପ୍ରବଳ ଭିଡ଼। (ଫଟୋ : ସମ୍ବାଦ କଳିକା)

# ଆଜି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଓଡ଼ିଶା ଗସ୍ତ



**ଓଡ଼ିଶାର କିମ୍ବଦନ୍ତୀ କବି ତଥା ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଉପରେ ସ୍ମରଣୀୟ ଡାକ ଷ୍ଟାମ୍ପ ଉନ୍ମୋଚନ**

ଭୁବନେଶ୍ୱର, ୧୯/୨୦
ନ୍ୟୁଜ ବ୍ୟୁରୋ

ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର ଦିନ ଓଡ଼ିଶା ଗସ୍ତରେ ଆସିବେ । ଏହି ଗସ୍ତ ସମୟରେ ସେ ରେଳବାଇ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ଆଭାସୀ (ଭିଡିଓ କନଫରେନସିଂ) ମାଧ୍ୟମରେ ଡାକ ବିଭାଗର ନିର୍ଦ୍ଧାରିତ କାର୍ଯ୍ୟକ୍ରମରେ ଯୋଗଦେବେ । କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁର୍ଲା ସ୍ଥିତ ସମ୍ବଲପୁର ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଅଡିଟୋରିୟମ ଠାରେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିବେ । ଉଭୟ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ଓ ଶ୍ରୀ ବୈଷ୍ଣବ ଅପରାହ୍ନ ୦୨ ଘ. ୩୦ ମି. ସମୟରେ ଓଡ଼ିଶାର କିମ୍ବଦନ୍ତୀ କବି ତଥା ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଉପରେ ସ୍ମରଣୀୟ ଡାକ ଷ୍ଟାମ୍ପ ଉନ୍ମୋଚନ କରିବେ । ସେହିଭଳି ସମ୍ବଲପୁର, ବରଗଡ଼, ଦେଓଗଡ଼, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଡିଭିଜନର ୪୨ଟି ଶାଖା ପୋଷ୍ଟ ଅଫିସ ମଧ୍ୟ ଏହି ଅବସରରେ ଉନ୍ମୋଚନ କରାଯିବ । ଶ୍ରୀ ବୈଷ୍ଣବ ଅପରାହ୍ନ ୦୩ ଘ. ୩୦ ମି. ସମୟରେ ପୂର୍ବତଟ ରେଳପଥର ମୁଖ୍ୟାଳୟ ଠାରେ ରେଳପଥର କାର୍ଯ୍ୟଦକ୍ଷତା ବିଶେଷ ଭାବେ ପ୍ରକଳ୍ପ, ଟ୍ରାଫିକ୍ ସୁବିଧା ଏବଂ ଭିତ୍ତିଭୂମି ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ସମୀକ୍ଷା କରିବେ । ଏହା ପରେ ଶ୍ରୀ ବୈଷ୍ଣବ ଭୁବନେଶ୍ୱରରେ କିଛି ସ୍ଥାନୀୟ କାର୍ଯ୍ୟକ୍ରମରେ ଯୋଗଦେବେ ଏବଂ ସନ୍ଧ୍ୟାରେ ଦିଲ୍ଲୀ ଫେରିଯିବେ ।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସୂ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

**ଉଦ୍‌ଘାଟିତ ହେଲା କିସ୍‌ର ବୌଦ୍ଧ ଶାଖା ଓ ୧୦୦ ଶଯ୍ୟା ବିଶିଷ୍ଟ ହସ୍‌ପିଟାଲ୍‌ର ଭୂମି ପୂଜନ**

# ବିପିଏଲ୍ ବର୍ଗର ଛାତ୍ରଛାତ୍ରୀଙ୍କୁ ବିନାଦେୟରେ ଇଂରାଜୀମାଧ୍ୟମ ଶିକ୍ଷା

ବୌଦ୍ଧ, ୧୯ ।୨
ନ୍ୟୁଜ ବ୍ୟୁରୋ

କନ୍ଧମାଳ ସାଂସଦ ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରୟାସରେ ବୌଦ୍ଧ ଜିଲ୍ଲା ଲୁଣିବାହାଲଠାରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍ (କିସ୍)- ବୌଦ୍ଧ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଉଦ୍‌ଘାଟନ ଓ ୧୦୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ହସ୍‌ପିଟାଲ୍‌ର ଭୂମି ପୂଜନ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ କଣ୍ଟାମାଳ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ମହୀଧର ରଣା, ଜିଲ୍ଲା ପରିଷଦ ସଭାପତି ପ୍ରଭାସିନୀ ଦାସ, ବୌଦ୍ଧ ଜିଲ୍ଲାପାଳ ଜେ ସୋନାଲ୍ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ।




ଶ୍ରୀ ଅମାତ କହିଲେ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରୟାସକୁ ଆହୁରି ଆଗକୁ ନେଇଛନ୍ତି ଡ. ଅଚ୍ୟୁତ ସାମନ୍ତ । ଲୁଣିବାହାଲରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟ କିସ୍-ବୌଦ୍ଧ ଓ ହସ୍‌ପିଟାଲ୍ ପ୍ରତିଷ୍ଠା ହେବା ଦ୍ୱାରା ବୌଦ୍ଧ ଜିଲ୍ଲାରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଗ୍ରଗତି କରିବ । ସ୍ୱାଗତ ଭାଷଣ ଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଡ. ଅଚ୍ୟୁତ ସାମନ୍ତ କହିଲେ, ବୌଦ୍ଧ ଜିଲ୍ଲାର ଗରିବ (ବିପିଏଲ୍) ବର୍ଗର ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଲକ୍ଷ୍ୟରେ କିସ୍-ବୌଦ୍ଧ ପ୍ରତିଷ୍ଠା କରାଯାଇଛି । ଏହି ବିଦ୍ୟାଳୟରେ ବିପିଏଲ୍ ବର୍ଗର ପିଲାମାନେ ବିନା ଦେୟରେ ଇଂରାଜୀ ମାଧ୍ୟମ (ସିବିଏସ୍‌ଇ)ରେ ଶିକ୍ଷାଲାଭ କରିବେ। ଏହି ବିଦ୍ୟାଳୟ କିସ୍- ଭୁବନେଶ୍ୱର ଦ୍ୱାରା ପରିଚାଳିତ ହେବ । ଚଳିତ ଶିକ୍ଷାବର୍ଷଠାରୁ ଏହି ବିଦ୍ୟାଳୟରେ ନାମଲେଖା ଆରମ୍ଭ ହୋଇ ଶିକ୍ଷାଦାନ କରାଯାଇପାରିବ । ଏଠାରୁ ଉତ୍ତୀର୍ଣ୍ଣ ହୋଇଥିବା ମେଧାବୀ ଛାତ୍ରଛାତ୍ରୀ କିଟ୍‌ରେ ପଢ଼ିବାର ବ୍ୟବସ୍ଥା କରାଯିବ ବୋଲି ଡ. ସାମନ୍ତ କହିଥିଲେ । ସେହିପରି ବୌଦ୍ଧ ଜିଲ୍ଲାର ଲୋକମାନଙ୍କୁ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ ସାଂସଦଙ୍କ ପ୍ରୟାସ କ୍ରମେ ଲୁଣିବାହାଲଠାରେ ୧୦୦ କୋଟି ଟଙ୍କା ବ୍ୟୟରେ ୧୦୦ ଶଯ୍ୟା ବିଶିଷ୍ଟ ସଂପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଅତ୍ୟାଧୁନିକ ହସ୍‌ପିଟାଲ୍ ନିର୍ମାଣ ହେବାକୁ ଯାଉଛି । ସାଂସଦଙ୍କ ପ୍ରତିଷ୍ଠିତ କିମ୍ସ ଭୁବନେଶ୍ୱର ଦ୍ୱାରା ଏହି ହସ୍‌ପିଟାଲ୍ ପରିଚାଳନା ହେବ । ପରେ ଏହି ହସ୍‌ପିଟାଲକୁ ୨୦୦ ଶଯ୍ୟା ବିଶିଷ୍ଟ କରାଯିବ। ଏହି ହସ୍‌ପିଟାଲ୍‌ରେ ସମସ୍ତ ପ୍ରକାର ଅତ୍ୟାଧୁନିକ ଚିକିତ୍ସା ସୁବିଧା ଓ ନିଦାନ ଉପଲବ୍ଧ ହେବ ବୋଲି ସେ ସୂଚନା ଦେଇଥିଲେ । କିସ୍-ବୌଦ୍ଧରେ ବୌଦ୍ଧ ଜିଲ୍ଲାର ୧୦୦ଜଣ ଯୁବକଯୁବତୀଙ୍କୁ ନିଯୁକ୍ତି ସୁଯୋଗ ମିଳିବାକୁ ଥିବା ବେଳେ ଉକ୍ତ ହସ୍‌ପିଟାଲ୍‌ରେ ଜିଲ୍ଲାର ୧୫୦ ଯୁବକଯୁବତୀଙ୍କୁ ନିଯୁକ୍ତି ପ୍ରଦାନ କରାଯିବ । କଣ୍ଟାମାଳ ବିଧାୟକ ଶ୍ରୀ ରଣା କହିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡ. ଅଚ୍ୟୁତ ସାମନ୍ତଙ୍କ ଭଳି ଜଣେ ବ୍ୟକ୍ତିଙ୍କୁ ଆମକୁ ସାଂସଦ ଭାବେ ଦେଇଥିବାରୁ ଆମେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୩୬ ସୁଦ୍ଧା ଶ୍ରେଷ୍ଠ ଓଡ଼ିଶା ଗଠନର ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହାକୁ ସାଂସଦ ଡ. ସାମନ୍ତ ଦୁଇ ପାଦ ଆଗେଇ ନେଇଛନ୍ତି ବୋଲି ସେ କହିଥିଲେ।

**ଶ୍ରୀମନ୍ଦିର ପର୍ବପର୍ବାଣୀ ଓ ଯାନିଯାତ୍ରା ଚୂଡାନ୍ତ**

# ଜୁନ୍ ୨୨ରେ ସ୍ନାନଯାତ୍ରା, ଜୁଲାଇ ୧୭ରେ ସୁନାବେଶ

ପୁରୀ, ୧୯/୨ ନ୍ୟୁଜ ବ୍ୟୁରୋ

ଆସନ୍ତା ଜୁନ୍ ୨୨ ତାରିଖରେ ସ୍ନାନଯାତ୍ରା । ମହାପ୍ରଭୁ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ଜ୍ୱରରେ ପଡିବେ । ଏହି ଦିନଠାରୁ ଅନବସର ଘରେ ରହିବେ ଚତୁର୍ଦ୍ଧାବିଗ୍ରହ । ମହାପ୍ରଭୁ ସୁସ୍ଥ ହେବା ପରେ ଜୁଲାଇ ୭ ତାରିଖରେ ଅନୁଷ୍ଠିତ ହେବ ଶ୍ରୀଗୁଣ୍ଡିଚା ଯାତ୍ରା। ଚଳିତବର୍ଷ ଏହି ରଥଯାତ୍ରା ଦିନ ହିଁ ମହାପ୍ରଭୁଙ୍କର ନେତ୍ରୋତ୍ସବ ଓ ଉଭାଯାତ୍ରା ପଡିଛି।

ସେହିପରି ଜୁଲାଇ ୧୫ରେ ହେବ ବାହୁଡ଼ା ଯାତ୍ରା । ପ୍ରାୟ ପ୍ରତିବର୍ଷ ବାହୁଡ଼ା ପରଦିନ ରଥ ଉପରେ ଠାକୁରଙ୍କର ଅତ୍ୟନ୍ତ ମନୋମୁଗ୍ଧକର ସୁନାବେଶ ଅନୁଷ୍ଠିତ ହୋଇଥାଏ। ହେଲେ ଚଳିତବର୍ଷ ଏଥିରେ ବି ବ୍ୟତିକ୍ରମ ଘଟିଛି। ଅର୍ଥାତ୍ ସିଂହଦ୍ୱାର ସମ୍ମୁଖରେ ବାହୁଡ଼ା ପରଦିନ ଠାକୁରଙ୍କର ସୁନାବେଶ ହେବ ନାହିଁ । ଦୁଇଦିନ ପରେ ଅର୍ଥାତ୍ ଜୁଲାଇ ୧୭ ତାରିଖରେ ରଥ ଉପରେ ଭକ୍ତଙ୍କୁ ସୁନାବେଶରେ ଦର୍ଶନ ଦେବେ ଦାରୁବିଗ୍ରହ । ସେହିପରି ନଭେମ୍ବର ୧୨ରୁ ଆରମ୍ଭ ହେବ ପଞ୍ଚୁକ । ଏଥର ୪ ଦିନ ପଡୁଛି ପଞ୍ଚୁକ। ଏମିତି ୨୦୨୪-୨୫ ବର୍ଷର ପର୍ବପର୍ବାଣି ଓ ଯାନିଯାତ୍ରା ଚୂଡ଼ାନ୍ତ କରିବା ସହ ତିଥି, ବାର ଓ ତାରିଖ ଉପରେ ମୋହର ଲଗାଇଛି ଶ୍ରୀମନ୍ଦିର ପ୍ରଶାସନ । ଶ୍ରୀମନ୍ଦିରର ଏହି ପର୍ବପର୍ବାଣି ଓ ଯାନିଯାତ୍ରାର ତିଥି, ବାର ଓ ତାରିଖକୁ ସାର୍ବଜନୀନ କରିବା ଲାଗି ଶ୍ରୀମନ୍ଦିର ୱେବ୍‌ସାଇଟ୍‌ରେ ଅପଲୋଡ କରାଯିବ ବୋଲି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ।

୨୦୨୪-୨୫ ବର୍ଷର ପ୍ରମୁଖ ପର୍ବପର୍ବାଣି ମଧ୍ୟରେ ଏପ୍ରିଲ ୧୪ରେ ମହାବିଷୁବ ସଂକ୍ରାନ୍ତି, ମେ ୧୦ରେ ଅକ୍ଷୟ ତୃତୀୟା ଓ ଚନ୍ଦନ ଯାତ୍ରା ଆରମ୍ଭ, ମେ' ୨୨ରେ ନୃସିଂହ ଜନ୍ମ, ଜୁଲାଇ ୧୧ରେ ହେରାପଞ୍ଚମୀ, ଜୁଲାଇ ୧୪ରେ ସନ୍ଧ୍ୟା ଦର୍ଶନ, ଜୁଲାଇ ୧୮ରେ ଅଧରପଣା, ଜୁଲାଇ ୧୯ରେ ନୀଳାଦ୍ରିବିଜେ କରିବେ ମହାପ୍ରଭୁ । ସେହିପରି ଅଗଷ୍ଟ ୪ରେ ଚିତାଲାଗି ଅମାବାସ୍ୟା, ଅଗଷ୍ଟ ୧୪ରେ ଝୁଲଣ ଯାତ୍ରା ଆରମ୍ଭ, ଅଗଷ୍ଟ ୨୪ରେ ରାହୁରେଖା ଲାଗି, ଅଗଷ୍ଟ ୨୬ରେ ଜନ୍ମାଷ୍ଟମୀ, ଅଗଷ୍ଟ ୨୭ରେ ନନ୍ଦୋତ୍ସବ, ଅଗଷ୍ଟ ୨୮ରେ ବନଭୋଜି ବେଶ, ଅଗଷ୍ଟ ୨୯ରେ କାଳୀୟଦଳନ, ସେପ୍ଟେମ୍ବର ୩ରେ ସାତପୁରୀ ଅମାବାସ୍ୟା, ସେପ୍ଟେମ୍ବର ୭ରେ ଗଣେଶ ଚତୁର୍ଥୀ, ସେପ୍ଟେମ୍ବର ୧୫ରେ ବାମନ ଜନ୍ମ ଓ ସୁନିଆଁ, ସେପ୍ଟେମ୍ବର ୧୬ରେ ବଳିବାମନ ବେଶ, ସେପ୍ଟେମ୍ବର ୨୪ରେ ଷୋଡ଼ଶଦିନାତ୍ମକ ପୂଜା ଆରମ୍ଭ, ଅକ୍ଟୋବର ୯ରେ ମହାସପ୍ତମୀ, ଅକ୍ଟୋବର ୧୦ରେ ମହାଷ୍ଟମୀ, ଅକ୍ଟୋବର ୧୧ରେ ମହାନବମୀ, ଅକ୍ଟୋବର ୧୩ରେ ଦଶହରା, ଅକ୍ଟୋବର ୧୪ରେ ମହାପ୍ରଭୁଙ୍କ ରାଧା ଦାମୋଦର ବେଶ ଓ ବାଳଧୂପ ଆରମ୍ଭ, ଅକ୍ଟୋବର ୧୭ରେ କୁମାର ପୂର୍ଣ୍ଣିମା, ନଭେମ୍ବର ୧ରେ ଦୀପାବଳି ଅମାବାସ୍ୟା, ନଭେମ୍ବର ୧୫ରେ କାର୍ତ୍ତିକ ପୂର୍ଣ୍ଣିମା ଓ ଶ୍ରୀଜୀଉଙ୍କ ରାଜାଧିରାଜ ବେଶ, ନଭେମ୍ବର ୩୦ରେ ଦେବ ଦୀପାବଳି ଆରମ୍ଭ, ଡିସେମ୍ବର ୧୬ ଧନୁ ସଂକ୍ରାନ୍ତି ଓ ଶ୍ରୀମନ୍ଦିରରେ ପହିଲି ଭୋଗ ଆରମ୍ଭ ହେବ ।

ସେହିପରି ୨୦୨୫ ଜାନୁଆରୀ ୧୩ରେ ଦେବାଭିଷେକ ବା ପୁଷ୍ୟାଭିଷେକ ପୂର୍ଣ୍ଣିମା, ୧୪ରେ ମକର ସଂକ୍ରାନ୍ତି, ଫେବୃୟାରୀ ୧ରେ ପଦ୍ମବେଶ, ଫେବୃୟାରୀ ୨ରେ ବସନ୍ତ ପଞ୍ଚମୀ ଓ ରଥକାଠ ଅନୁକୂଳ ପୂଜା, ଫେବୃୟାରୀ ୧୨ରେ ଗଜଉଦ୍ଧାରଣ ବେଶ ଓ ମାର୍ଚ୍ଚ ୧୪ରେ ଦୋଳ ପୂର୍ଣ୍ଣିମା ଓ ମହାପ୍ରଭୁଙ୍କ ରାଜାରାଜେଶ୍ୱର ବେଶ ଅନୁଷ୍ଠିତ ହେବ ।

# ରୋଗୀଙ୍କ ପାଖରେ ୨୦ ମିନିଟରେ ଆମ୍ବୁଲାନ୍ସ ପହଞ୍ଚାଇ ରେକର୍ଡ କରିଛି ଓଡ଼ିଶା



ଭୁବନେଶ୍ୱର, ୧୯/୨ ନ୍ୟୁଜ ବ୍ୟୁରୋ

୨୦ ମିନିଟରେ ରୋଗୀଙ୍କ ପାଖରେ ପହଞ୍ଚୁଛି ଆମ୍ବୁଲାନ୍ସ । ଏତେ କମ ସମୟରେ ସେବା ପ୍ରଦାନରେ ଏହା ଦେଶରେ ରେକର୍ଡ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ । ରୋଗୀ ସେବାରେ ୧୦୮ ଆମ୍ବୁଲାନ୍ସର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି । ଜଣେ ରୋଗୀ ଚାରିଟି ସ୍ତରରେ ଖର୍ଚ୍ଚାନ୍ତ ହୁଅନ୍ତି । ଔଷଧ, ପରୀକ୍ଷା, ପରିବହନ ଓ ବଡ଼ ବଡ଼ ହସ୍ପିଟାଲରେ ଚିକିତ୍ସା । ଔଷଧ ମାଗଣାରେ ନିରାମୟରେ ମିଳୁଥିବାବେଳେ ନିଦାନରେ ମାଗଣା ପରୀକ୍ଷା କରାଯାଉଛି । ହେଲେ ଏଥିସବୁ ପାଇଁ ରୋଗୀ ପରିବହନ ଅନେକ ଗୁରୁତ୍ୱ ରଖେ । ସେଥିପାଇଁ ୧୦୮ ଆମ୍ବୁଲାନ୍ସ ମାଗଣା ସେବା ସବୁ ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି । କୌଣସି ରୋଗୀ ହଇରାଣ ନ ହେବା ପାଇଁ ବିଭିନ୍ନ ଜିଲ୍ଲା ଓ ବ୍ଲକରେ ALS ଓ BLS ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଛି । ପ୍ରତି ଜିଲ୍ଲାରେ ଆଡଭାନସ ଲାଇଫ ସପୋର୍ଟ-ଏଏଲଏସ ଆମ୍ବୁଲାନ୍ସ ରହିଛି । ଏଥିରେ ଦୁଇଟି ଲାଭ ହେଉଛି । ପ୍ରଥମଟି ହେଲା ଜରୁରିକାଳୀନ ସମୟରେ ଆମ୍ବୁଲାନ୍ସ ମିଳୁଛି । ଯେହେତୁ ଏହି ଆମ୍ବୁଲାନ୍ସ ଗୁଡ଼ିକୁ ମ୍ୟାପିଙ୍ଗ କରାଯାଇଛି, ଠିକ ରେଫେରାଲ ହସ୍ପିଟାଲକୁ ରୋଗୀ ଯାଇପାରୁଛି । ସମୟ ବି ବଞ୍ଚୁଛି । ନିଜସ୍ୱ ପାଣ୍ଠିରୁ ରାଜ୍ୟ ସରକାର ବିଭିନ୍ନ ଜିଲ୍ଲାକୁ ଆମ୍ବୁଲାନ୍ସ ଯୋଗାଇଛନ୍ତି ।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସୂ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା,
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଖୋଲିବ ଗଞ୍ଜେଇ ଡିଲ୍ ଗୁମର : ରିମାଣ୍ଡରେ ଯିବେ ନିଶା ମାଫିଆ



ଭୁବନେଶ୍ୱର, ୧୯/୨ ନ୍ୟୁଜ ବ୍ୟୁରୋ

ରିମାଣ୍ଡରେ ଆସି ଗଞ୍ଜେଇ ଡିଲ୍ ସମ୍ପର୍କରେ ଗୁମର ଖୋଲିବେ ନିଶା ମାଫିଆ। ଝାଡଖଣ୍ଡୀ ନିଶା ମାଫିଆଙ୍କୁ ରିମାଣ୍ଡରେ ଆଣିବ ସ୍ପେଶାଲ କ୍ରାଇମ ୟୁନିଟ। ୩ ଦିନ ରିମାଣ୍ଡରେ ଆଣିବା ପାଇଁ କୋର୍ଟରେ ହୋଇଛି ଆବେଦନ। ଆର୍ଥିକ କାରବାର, ପ୍ରଭାବଶାଳୀ ଲୋକଙ୍କ ସମ୍ପୃକ୍ତି ନେଇ ହେବ ଖୋଳତାଡ଼। ସ୍ପେଶାଲ କ୍ରାଇମ ୟୁନିଟ ପରେ ଅଭିଯୁକ୍ତଙ୍କୁ ଟ୍ରାଞ୍ଜିଟ ରିମାଣ୍ଡରେ ନେବ ଝାଡଖଣ୍ଡ ପୋଲିସ। ଝାଡ଼ଖଣ୍ଡର ରବିଶଙ୍କର ଦାସ, ରାଜେଶ ଦାସ ଓ ଲ' କିଶୋର ସହଦେବ ରିମାଣ୍ଡରେ ଆସିବେ। ୩ ଅଭିଯୁକ୍ତଙ୍କୁ ୧୨ ଫେବ୍ରୁୟାରୀରେ ଗିରଫ କରିଥିଲା ସ୍ପେଶାଲ କ୍ରାଇମ ୟୁନିଟ। ମାଲକାନାଗିରିରୁ ପଶ୍ଚିମବଙ୍ଗ ଯାଉଥିବା ବେଳେ ତାକୁ କାବୁ କରିଥିଲା ପୋଲିସ। ପିତାପଲ୍ଲୀ ଛକ ନିକଟରେ ଚକମା ଦେଇଥିଲେ ନିଶା ମାଫିଆ। କିନ୍ତୁ ପାହାଳ ଛକ ନିକଟରେ ୨ଟି କାର୍ ସହ ୩ ଅଭିଯୁକ୍ତଙ୍କୁ ଗୋଡେଇ ଗୋଡାଇ ଧରିଥିଲା ପୋଲିସ। ଗାଡି ଭିତରୁ ୩୦୦ କେଜି ଗଞ୍ଜେଇ ଜବତ ହୋଇଥିଲା। ସିକ୍ରେଟ ଚାମ୍ବର ଯୋଗେ ଚାଲାଣ ହେଉଥିଲା ଗଞ୍ଜେଇ। ରିମାଣ୍ଡରେ ଆସିବା ପରେ ଆହୁରି ଅନେକ ଗୁମର ଖୁବଶୀଘ୍ର ଖୋଲିବ ବୋଲି ଅତିରିକ୍ତ ଡିସିପି ସଞ୍ଜୀବ ଶତପଥୀ ସୂଚନା ଦେଇଛନ୍ତି।



ଭୁବନେଶ୍ୱର : ମହର୍ଷୀ କଲେଜ ପଛପଟେ ଥିବା ଶାନ୍ତିବସ୍ତିରେ ବିଡିଏ ଓ ବିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି। (ଫଟୋ : ସମ୍ବାଦ କଳିକା)

# ସାତକୋଶିଆ ମହାବଳ ଶୂନ୍ୟ, ଶିମିଳିପାଳରେ ୨୦ ଟପିଲା

ଭୁବନେଶ୍ୱର, ୧୯/୨ ନ୍ୟୁଜ ବ୍ୟୁରୋ

ଓଡ଼ିଶା ଜଙ୍ଗଲରେ ୩୦ରୁ ଅଧିକ ମହାବଳ ବାଘ ରହିଛନ୍ତି। ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟ ମହାବଳ ଶୂନ୍ୟ ହୋଇଛି। ଶିମିଳିପାଳ ସମେତ କେନ୍ଦ୍ରୀୟ ଓ ଦକ୍ଷିଣ-ପଶ୍ଚିମ ଓଡ଼ିଶାର ୩ଟି ଜଙ୍ଗଲରେ ମହାବଳଙ୍କ ଉପସ୍ଥିତି ରହିଛି। କେବଳ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ପ୍ରାୟ ୨୩ଟି ମହାବଳ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ମେଲାନିଷ୍ଟିକ୍ ଟାଇଗର (କଳା ବାଘ) ପ୍ରଜାତିର। ପରିବାର ସହ ସେମାନେ ଜଙ୍ଗଲରେ ଭ୍ରମଣ କରୁଛନ୍ତି। ଅଭୟାରଣ୍ୟର କୋର ଏରିଆ ତଥା ଘଞ୍ଚ ଜଙ୍ଗଲରେ ସେମାନଙ୍କ ଅବସ୍ଥିତି ରହିଛି। ଯେଉଁ ସ୍ଥାନରେ ମହାବଳଙ୍କ ଉପସ୍ଥିତି ଆଶା କରାଯାଉ ନ ଥିଲା ସେଠାରେ ମଧ୍ୟ ଦେଖିବାକୁ ମିଳିଛନ୍ତି। ନଭେମ୍ବର ଓ ଡିସେମ୍ବର ମାସରେ ସାରା ରାଜ୍ୟରେ ବାଘ ଗଣନା ପରେ ବନ ବିଭାଗ ଏବେ ଏଭଳି ରିପୋର୍ଟ ପ୍ରସ୍ତୁତ କରିଛି। ଜଙ୍ଗଲ ଭିତରେ ଲଗାଯାଇଥିବା କ୍ୟାମେରାରେ ଦୃଶ୍ୟମାନ ହୋଇଥିବା ମହାବଳଗୁଡ଼ିକର ପ୍ରତିଛବି ସମୀକ୍ଷା କରିବା ପରେ ବନ ବିଭାଗ

**ଓଡ଼ିଶାରେ ଅଛନ୍ତି ୩୦ ମହାବଳ ବାଘ**



ରିପୋର୍ଟ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଇଛି। ଅନୁମୋଦନ ମିଳିବା ପରେ ବାଘ ଗଣନା ରିପୋର୍ଟ ପ୍ରକାଶ କରାଯିବ। ରାଜ୍ୟ ସରକାରଙ୍କ ନିଜସ୍ୱ ବାଘ ଗଣନାରେ ଓଡ଼ିଶାରେ ମହାବଳଙ୍କ ସଂଖ୍ୟା ବଢ଼ିଛି। କାରଣ ଗତବର୍ଷ କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯାଇଥିବା ବାଘ ଗଣନା ସମୟରେ ଓଡ଼ିଶାରେ ମହାବଳଙ୍କ ସଂଖ୍ୟା ୨୦କୁ ହ୍ରାସ ପାଇଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ୨୦୦୬ରେ ରାଜ୍ୟରେ ୪୫ଟି ମହାବଳ ଥିବା ବେଳେ ୨୦୧୦ରେ ତାହାକୁ ୩୨କୁ ଖସି ଆସିଥିଲା। ୨୦୧୪ ଓ ୨୦୧୮ ଗଣନାରେ ମହାବଳଙ୍କ ସଂଖ୍ୟା ୨୮ରେ ସ୍ଥିର ରହିଥିଲା। ତେବେ ୨୦୨୨ ଗଣନାରେ ମହାବଳଙ୍କ ସଂଖ୍ୟା ୨୦କୁ ଖସିବା ପରେ ରାଜ୍ୟ ସରକାର ଚିନ୍ତା ପ୍ରକଟ କରିବା ସହ ନିଜସ୍ୱ ଗଣନା କରିବାକୁ ଘୋଷଣା କରିଥିଲେ। ତତ୍କାଳୀନ ପିସିସିଏଫ୍ ଦର୍ଶାଇଥିଲେ ଯେ କେନ୍ଦ୍ର ସରକାରଙ୍କ ଗଣନାରେ ସତ୍ୟତା ନାହିଁ। ଏହି ରିପୋର୍ଟଠାରୁ ଓଡ଼ିଶାରେ ଅଧିକ ବାଘ ଅଛନ୍ତି। ୨୦୨୧-୨୨ରେ ଯେଉଁ ବାଘ ଗଣନା ହୋଇଥିଲା ତାହା ପରେ ବିଭିନ୍ନ ଅଭୟାରଣ୍ୟରେ ବାଘ ଦେଖା ଦେଇଛନ୍ତି। ହେମଗିରି ଜଙ୍ଗଲ, ଦେବ୍ରିଗଡ ଅଭୟାରଣ୍ୟ ଓ ମୁନିଗୁଡାଠାରେ ମହାବଳ ବାଘ ଠାବ ହୋଇଥିଲେ। ଯାହାକି କେନ୍ଦ୍ର ସରକାରଙ୍କ ଗଣନାରେ ଦର୍ଶାଯାଇ ନ ଥିଲା। ତେଣୁ ରାଜ୍ୟ ସରକାର ପ୍ରତି ଅଭୟାରଣ୍ୟରେ କ୍ୟାମେରା ଲଗାଇ ମହାବଳ ଗଣନା କରିଛନ୍ତି। ବନ ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ ୨୦୨୨ ବାଘ ଗଣନା ଅନୁଯାୟୀ ଓଡ଼ିଶାରେ ପ୍ରାୟ ୨୦ଟି ବାଘ ରହିଥିବା ନେଇ କେନ୍ଦ୍ର ସରକାରଙ୍କ ରିପୋର୍ଟରେ ଉଲ୍ଲେଖ ହୋଇଥିଲା। ଯେଉଁଥିପାଇଁ ରାଜ୍ୟ ସରକାର ନିଜସ୍ୱ ବାଘ ଗଣନା କରିଛନ୍ତି। ଏଥିରେ ନୂଆ ସ୍ଥାନରୁ ମହାବଳ ବାଘ ଚିହ୍ନଟ ହୋଇଛନ୍ତି। ନଭେମ୍ବର ଓ ଡିସେମ୍ବରରେ ଗଣନା ପରେ ମଧ୍ୟ ଶିମିଳିପାଳ କୋର ଏରିଆରେ ମହାବଳଙ୍କ ଉପସ୍ଥିତି ରହିଥିବା ଜଣାପଡ଼ିବାରୁ ସେଠାରେ କ୍ୟାମେରା ଲଗାଯାଇଥିଲା। ମହାବଳଙ୍କ ଉପସ୍ଥିତି ଦେଖିବାକୁ ମିଳିଛି। ମହାବଳଙ୍କ ସଂଖ୍ୟା ୩୦ରୁ ୩୫ ମଧ୍ୟରେ ରହିଛି। ଶିମିଳିପାଳର ଗୋଟିଏ ପରେ ଗୋଟିଏ ସ୍ଥାନରୁ କଳା ବାଘ ଚିହ୍ନଟ ହେଉଥିବାରୁ କେବଳ ଏହି ଅଭୟାରଣ୍ୟରେ ପ୍ରାୟ ୨୩ଟି ମହାବଳ ଥିବା ଅନୁମାନ କରାଯାଉଛି। ତେବେ ଗତ ମାସକ ମଧ୍ୟରେ ଡେବ୍ରିଗଡ଼ରେ ଥିବା ମହାବଳ ଛତିଶଗଡ଼ରେ ମୃତ୍ୟୁବରଣ କରିବା ଏବଂ ଶିମିଳିପାଳରେ ଗୋଟିଏ ମହାବଳର ମୃତ୍ୟୁ ହୋଇଛି। ଶିମିଳିପାଳରେ ବାଘଙ୍କ ସୁରକ୍ଷା ଉପରେ ରାଜ୍ୟ ସରକାର ସ୍ୱତନ୍ତ୍ର ଗୁରୁତ୍ୱ ଦେଉଛନ୍ତି। ପରିଣାମ ସ୍ୱରୂପ ଲଗାତାର ଭାବେ ଶିକାରୀ ଗିରଫ ଏବଂ ଅସ୍ତ୍ରଶସ୍ତ୍ର ଜବତ ହେଉଛି। ବନ କର୍ମଚାରୀଙ୍କୁ ବନ୍ଧୁକ ଚଳାଇବାର କ୍ଷମତା ଦିଆଯିବା ପରେ ଶିକାରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିବା ଅଧିକାରୀ ଜଣକ କହିଛନ୍ତି।